**ଏକାମ୍ର ରଥଖଳାରେ ବିଜେଡିର ବିକ୍ଷୋଭ**

# ଅପରାଧୀ ନେତାଙ୍କୁ ସୁରକ୍ଷା ଦେଉଛି ବିଜେପି

**ଭୁବନେଶ୍ୱର, ୧।୬(ସମିସ):** ବିଜେପି ନେତା ଓ କର୍ମୀ ବହୁ ହିଂସାକାଣ୍ଡରେ ସମ୍ପୃକ୍ତ ରହୁଛନ୍ତି। ନିର୍ବାଚନ ଆଚରଣ ବିଧିକୁ ବିଜେପି ନେତା ଓ ପ୍ରାର୍ଥୀମାନେ ଉଲଂଘନ କରୁଛନ୍ତି। ଗୁଣ୍ଡାଗର୍ଦ୍ଦି କରୁଥିବା ଲୋକଙ୍କୁ ବିଜେପି ସୁରକ୍ଷା ଦେଉଥିବା ଅଭିଯୋଗ କରିଛି ବିଜେଡି। ଏହାକୁ ବିରୋଧ କରି ଶନିବାର ଶତାଧିକ ବିଜେଡି ନେତା ଓ କର୍ମୀ ଏକାମ୍ର ରଥଖଳାଠାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପ୍ରଶାନ୍ତ ଜଗଦେବ, ପ୍ରଦୀପ ପାଣିଗ୍ରାହୀ ଓ ବୈଜୟନ୍ତ ପଣ୍ଡାଙ୍କ ପରି ଗୁଣ୍ଡା ଶ୍ରେଣୀୟ ନେତାଙ୍କୁ ବିଜେପି ପ୍ରାର୍ଥୀ କରିବା ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଔଦ୍ଧତ୍ୟ ବିରୋଧରେ ସେମାନେ ବର୍ଷିଛନ୍ତି। ଚଳିତ ନିର୍ବାଚନରେ ନିଶ୍ଚିତ ପରାଜୟ ଭୋଗୁଥିବା ଜାଣି ବିଜେପିର ନେତାମାନେ ହିତାହିତଜ୍ଞାନ ଭୁଲିବା ସହ ବହୁ ଅନୈତିକ କାଣ୍ଡ ଘଟାଉଥିବା ଅଭିଯୋଗ କରିଛି ବିଜେଡି।



ବିଜେଡିର ଅଭିଯୋଗ ଅନୁଯାୟୀ, ଗୁଣ୍ଡାଗର୍ଦ୍ଦି, ଠକେଇ ଜମି ହଡ଼ପ କରି ବିଜେଡିରୁ ତଡ଼ା ଖାଇଥିବା ନେତାଙ୍କୁ କୋଳେଇ ନେଇ ବିଜେପି ପ୍ରାର୍ଥୀ କରିଛି। ଏହି ତାଲିକାର ଶୀର୍ଷରେ ଅଛନ୍ତି ଖୋର୍ଦ୍ଧା ବିଜେପି ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ଜଗଦେବ ଓ ବ୍ରହ୍ମପୁର ସାଂସଦ ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀ। ମଦ୍ୟପାନ କରି ଚିଲିକାରେ ବିଜେପି କର୍ମୀଙ୍କ ଉପରେ ଗାଡ଼ି ଚଢ଼ାଇ ଜେଲ ଯାଇଥିବା ଶ୍ରୀ ଜଗଦେବ ବିଜେପି ନେତାଙ୍କୁ ଗୋଡ଼ାଇ ଗୋଡ଼ାଇ ମାଡ଼ ମାରିଥିଲେ। ସେହି ସମୟରେ ବିଜେପି ନେତାମାନେ ପ୍ରଶାନ୍ତଙ୍କ ବିରୋଧ ବର୍ଷିବା ସହ ଜେଲ ଦଣ୍ଡ ଦାବି କରିଥିଲେ। ପ୍ରଶାନ୍ତଙ୍କ ଏପରି ଜନବିରୋଧୀ କାର୍ଯ୍ୟ ଯୋଗୁ ବିଜେଡି ତାଙ୍କୁ ଦଳରୁ ବିଦା କରିଥିଲା। ହେଲେ ପରବର୍ତ୍ତୀ ସମୟରେ ସ୍ୱର ବଦଳାଇ ତାଙ୍କୁ ବିଜେପିରେ ସାମିଲ କରିବା ସହ ଖୋର୍ଦ୍ଧାରୁ ବିଧାୟକ ପ୍ରାର୍ଥୀ କରିଛି ବିଜେପି। ଏପରିକି ଭୋଟିଂ ସମୟରେ ଇଭିଏମ ଭାଙ୍ଗିବା ଅଭିଯୋଗରେ ଏବେ ଜେଲରେ ଅଛନ୍ତି। ଇଭିଏମ୍ ଭାଙ୍ଗିବା ପରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ତାଙ୍କୁ ଫେରାର୍ କରାଉଥିବା ବେଳେ ଅଧାରେ ଧରାପଡ଼ିଥିଲେ। ସେହିପରି ଟାଟାରେ ଚାକିରୀ କରାଇ ଦେବାକୁ କହି ଲୋକଙ୍କୁ ଠକିଥିବା ପ୍ରଦୀପ ପାଣିଗ୍ରାହୀଙ୍କୁ ମଧ ଦଳରୁ ବିଦା କରିଥିଲା ବିଜେଡ଼ି। ତାଙ୍କୁ ମଧ ଚିଟଫଣ୍ଡ ଚୋରର ଆଖ୍ୟା ଦେଇଥିଲା ବିଜେପି। ଏବେ ତାଙ୍କୁ ବ୍ରହ୍ମପୁରରୁ ସଂସଦୀୟ କ୍ଷେତ୍ରରୁ ପ୍ରାର୍ଥୀ କରିବା ବିଜେପିର ହୋମୁହାଁ ଚରିତ୍ରକୁ ପଦାର ପକାଇଥିବା ବିଜେଡି ଅଭିଯୋଗ କରିଛି। ବିଜେପିର ଏହି ଡବଲ ଷ୍ଟାଣ୍ଡାର୍ଡ ନୀତି ବିରୋଧରେ ପ୍ରତିବାଦ କରିଛି ବିଜେଡି।

ବିଜେପିର ଲମ୍ବା ଅପରାଧିକ ତାଲିକାରେ ଆହୁରି ବହୁ ନେତା ସାମିଲ ଅଛନ୍ତି। ଖୋର୍ଦ୍ଧା ସାରୁଅରେ ଦଳିତଙ୍କ ଜମି ହଡ଼ପ କରିଥିବା ଅଭିଯୋଗରେ ଛନ୍ଦି ହୋଇଛନ୍ତି ବିଜେପି ରାଷ୍ଟ୍ରୀୟ ଉପ-ସଭାପତି ବୈଜୟନ୍ତ ପଣ୍ଡା। ସେହି ଜମିରେ ନିଜ ମାଲିକାନାରେ ଥିବା ଟିଭି ଚ୍ୟାନେଲର ଷ୍ଟୁଡିଓ କରିଛନ୍ତି। ଯେଉଁଥିରେ ତିନୋଟି ବେନାମୀ କମ୍ପାନୀର କୋଟି କୋଟି ଟଙ୍କା ଲାଗିଛି। ଏହାକୁ ବାହାମାସ ସ୍କାମ କୁହାଯାଉଛି। ଜମି ଜବରଦଖଲ, ବେନାମୀ ଟଙ୍କା କାରବାର ସହ ନିଜ ଷ୍ଟୁଡିଓରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମିଛ ଭିଡିଓ କରି ଲୋକଙ୍କୁ ଭ୍ରମିତ କରୁଥିବା ମଧ ତାଙ୍କ ନାମରେ ଅଭିଯୋଗ ରହିଛି। ହେଲେ ବୈଜୟନ୍ତଙ୍କୁ ଲଗାତାର ଦୁଇଥର କେନ୍ଦ୍ରାପଡ଼ାରୁ ସାଂସଦ ପ୍ରାର୍ଥୀ କରିଛି ବିଜେପି। ଅନୁରୂପ ଭାବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସବୁ ସୀମା ପାର କରିଥିବା ଦଳ ଅଭିଯୋଗ କରିଛି। ସମ୍ବଲପୁରରେ ନିଶ୍ଚିତ ପରାଜୟ ଜାଣିବା ସହ ରାଜ୍ୟରେ ସରକାର ଗଢ଼ିବାର ସ୍ୱପ୍ନ ଧୂଳିସାତ ହୋଇଥିବା ତାଙ୍କୁ ଆଭାସ ମିଳିସାରିଛି। ଫଳରେ ସେ ହତୋତ୍ସାହିତ ହୋଇ ଟଙ୍କା ବଣ୍ଟନ ପରି ମିଛ ଅଭିଯୋଗ କରୁଛନ୍ତି। ପରାଜୟର ଭୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପରି ସରଳ ମାର୍ଜିତ ନେତାଙ୍କ ବିରୋଧରେ ମିଛ ଓ କଟୁ ମନ୍ତବ୍ୟ ବି ଦେବାକୁ ସେ ପଛାଉ ନଥିବା ବିଜେଡି ପକ୍ଷରୁ କୁହାଯାଇଛି। ବିଜେପିର ଏପରି ଅରାଜକତା ବିରୋଧରେ ଜନତା ଜବାବ ଦେଇଛନ୍ତି ଓ ଆସନ୍ତା ୪ ତାରିଖରେ ଭୋଟ ଗଣତି ପରେ ଏହା ପ୍ରତିଫଳିତ ହେବ ବୋଲି ଦଳର ମୁଖପାତ୍ର ସ୍ୱୟଂପ୍ରକାଶ ମହାପାତ୍ର କହିଛନ୍ତି। ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଦଳର ମୁଖପାତ୍ର ଦ୍ୟୁମ୍ନନାଥ ପଣ୍ଡା, ଇପ୍ସିତା ସାହୁ, ମଧୁସ୍ମିତା ନାୟକ, ଏମ୍‌ପ୍ରକାଶ ସାହୁ, ମାହିକ୍ଷିତା ମିଶ୍ର, ମିହିର ରାୟଙ୍କ ସମେତ ବହୁ ନେତା ଓ କାର୍ଯ୍ୟକର୍ତ୍ତା ସାମିଲ ଥିଲେ।

## ଜୁନ୍ ୨୨ରେ ଓଜେଏସ୍ ପ୍ରିଲିମିନାରି ପରୀକ୍ଷା

**ଭୁବନେଶ୍ୱର,୧।୬(ସମିସ):** ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ନ୍ୟାୟିକ ସେବା (ଓଜେଏସ୍)-୨୦୨୩ ପ୍ରିଲିମନାରି ପରୀକ୍ଷା ସୂଚୀର ପରିବର୍ତ୍ତନ କରାଯାଇଛି। ପୂର୍ବରୁ ଜୁନ୍ ୨୩ ତାରିଖରେ ପ୍ରିଲିମିନାରୀ ପରୀକ୍ଷା ହେବାକୁ ଥିବାବେଳେ ଗୋଟିଏ ଦିନ ପୂର୍ବରୁ ଅର୍ଥାତ ଜୁନ ୨୨ତାରିଖରେ ପରୀକ୍ଷା ଅନୁଷ୍ଠିତ ହେବ। ଏନେଇ ଶନିବାର ଓପିଏସ୍‌ସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବ ନିର୍ଦ୍ଧାରିତ ସମୟରେ ମଧ ପରିବର୍ତ୍ତନ କରାଯାଇଛି। ସକାଳ ୧୦ ପରିବର୍ତ୍ତେ ଅପରାହ୍ଣ ୩ଟାରୁ ପରୀକ୍ଷା ଆରମ୍ଭ ହେବ। ପରୀକ୍ଷାର୍ଥୀଙ୍କ ପାଇଁ ୧ ଘଣ୍ଟା ୩୦ ମିନିଟ୍ ସମୟ ଧାର୍ଯ୍ୟ ହୋଇଛି। ଦିବ୍ୟାଙ୍ଗ ପରୀକ୍ଷାର୍ଥୀଙ୍କୁ ଅଧିକ ୩୦ ମିନିଟ ସମୟ ଦିଆଯାଇଛି। ରାଜ୍ୟର ୫ ଜୋନର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ହେବ। ଖୁବଶୀଘ୍ର ପରୀକ୍ଷା କେନ୍ଦ୍ର ତାଲିକା ପ୍ରକାଶ ପାଇବ ବୋଲି ଓପିଏସ୍‌ସି ପକ୍ଷରୁ ଦର୍ଶାଯାଇଛି।

## ନିଷିଦ୍ଧ ସମୟରେ ଫେସ୍‌ବୁକ୍‌ରେ ପ୍ରଚାର କଲେ ବିଭୁ ତରାଇ

**ଭୁବନେଶ୍ୱର, ୧।୬(ସମିସ):** ନିର୍ବଚନ ପ୍ରଚାର ସରିବା ପରେ ମଧ ସାମାଜିକ ଗଣମାଧ୍ୟମ ଫେସବୁକ୍‌ରେ ପ୍ରଚାର କରିଛନ୍ତି ଜଗତସିଂପୁର ବିଜେପି ସାଂସଦ ପ୍ରାର୍ଥୀ ବିଭୁ ତରାଇ। ନିଷିଦ୍ଧ ଅବଧି ମଧ୍ୟରେ ବାରମ୍ବାର ତାଙ୍କୁ ଭୋଟ ଦେବା ପାଇଁ ଅପିଲ କରିଛନ୍ତି। ନିର୍ବାଚନ ଆଚରଣ ବିଧିକୁ ଶ୍ରୀ ତରାଇ ଅଭିଯୋଗ କରିଥିବା ଦର୍ଶାଇ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ନିକଟରେ ଫେରାଦ ହୋଇଛି ବିଜେଡି।

**ସିଇଓଙ୍କ ନିକଟରେ କାର୍ଯ୍ୟାନୁଷ୍ଠାନ ଦାବି କଲା ବିଜେଡି**



ଅଭିଯୋଗ ଅନୁଯାୟୀ, ପ୍ରଚାର ନିଷିଦ୍ଧ ସମୟରେ ଫେସ୍‌ବୁକ୍ ପୋଷ୍ଟ କରି ଭୋଟ୍ ମାଗିଛନ୍ତି। ସେ ନିଜେ ପ୍ରାର୍ଥୀ ହୋଇଥିଲେ ମଧ ଲଜ୍ଜାହୀନ ଭାବେ ସମସ୍ତ ନିୟମ ଉଲଘଂନ କରିଛନ୍ତି। ଅବାଧ ଓ ମୁକ୍ତ ନିର୍ବାଚନର ଏହା ପରିପନ୍ଥୀ। ତେଣୁ ତାଙ୍କ ବିରୋଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବାକୁ ବିଜେଡି ଦାବି କରିଛି। ସିଇଓଙ୍କୁ ଅଭିଯୋଗ କରିବାକୁ ଯାଇଥିବା ବିଜେଡି ପ୍ରତିନିଧି ଦଳରେ ସାଂସଦ ଡ଼ ସସ୍ମିତ ପାତ୍ର, ସୌମ୍ୟପ୍ରକାଶ ମହାପାତ୍ର, ଓମ୍ ପ୍ରକାଶ ସାହୁ, ମିହିର ରାୟ, ଦ୍ୟୁମ୍ନନାଥ ପଣ୍ଡା, ମାହିକ୍ଷୀତା ମିଶ୍ର, ଇପ୍ସିତା ସାହୁ, ମଧୁସ୍ମିତା ନାୟକ ପ୍ରମୁଖ ସାମିଲ ଥିଲେ।

## ୪ର୍ଥ ପର୍ଯ୍ୟାୟ ନିର୍ବାଚନ ଦେଖିଲା ହିଂସାକାଣ୍ଡ, ତାତି ଜନିତ ମୃତ୍ୟୁ

**ଭୁବନେଶ୍ୱର ୧।୬(ସମିସ):** ଆଜି ୪ର୍ଥ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନରେ କିଛି ସ୍ଥାନରେ ହିଂସାକାଣ୍ଡ ଘଟିଥିବା ବେଳେ ଅଂଶୁଘାତ କାଳି ସାଜିଥିଲା। ନୀଳଗିରି ଇଶ୍ୱରପୁରରେ ଜଣେ ବୟସ୍କ ଭୋଟର ମତାଦନ କରିବା ପାଇଁ ଆସି ପ୍ରାଣ ହରାଇଛନ୍ତି। ତାଙ୍କ ନାମ ସୁରେନ୍ଦ୍ର ମହାନ୍ତି ବୋଲି ଜଣାପଡ଼ିଛି। ପ୍ରବଳ ଗରମ ହେତୁ ତାଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସେହିପରି ଯାଜପୁର ଜିଲ୍ଲା ବିଞ୍ଝାରପୁରରେ ନିର୍ବାଚନ ଡ୍ୟୁଟିରେ ଥିବା ବିଏଲ୍ଓ ମନୋରଞ୍ଜନ ସାହୁଙ୍କ ମୃତ୍ୟୁ ହୋଇଛି। ରାଜନଗର ବ୍ଲକ ପ୍ରହରାଜପୁର ଗ୍ରାମର ଜଣେ ମହିଳା ଭୋଟ ଦେବାକୁ ଯାଇଥିବା ବେଳେ ଘରେ ଥିବା ତାଙ୍କର ୬ ବର୍ଷର ଶିଶୁକନ୍ୟା ପୋଖରୀରେ ବୁଡି ପ୍ରାଣ ହରାଇଛି। ଅପରପକ୍ଷେ କାର୍ଯ୍ୟରେ ଅବହେଳା ପାଇଁ ନିଆଳିରେ ଜଣେ ପ୍ରିଜାଇଡିଂ ଅଫିସରଙ୍କୁ ନିଲମ୍ବନ କରାଯାଇଛି। ମାହାଙ୍ଗା ନିର୍ବାଚନମଣ୍ଡଳୀରେ ବୁଥ୍ ରିଗିଂ ନେଇ ଅଭିଯୋଗ ଆସିଛି। ଚାନ୍ଦବାଲିରେ ୧୬୧ ନଂ ବୁଥ୍‌ରେ ଦୁଇ ରାଜନୈତିକ ଦଳର କର୍ମୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ସାଲେପୁର ମାଳଶାସନ ଦୁଇଟି ବୁଥ୍‌ରେ ନିର୍ବାଚନୀ ହିଂସା ଘଟିଛି। ସାଲେପୁରର ବାଲିସାହିରେ ମଧ ଦୁଇ ଦଳର କର୍ମୀଙ୍କ ମଧ୍ୟରେ ମୁହାଁ ମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ସେହିପରି ଧାମନଗର ନିର୍ବାଚନମଣ୍ଡଳୀ ଅର୍ନ୍ତଗତ ଦୋବଲ ପଞ୍ଚାୟତର ୧୫୧ ବୁଥ୍‌ରେ ନିର୍ବାଚନୀ ହିଂସା ଅଭିଯୋଗ ହୋଇଛି। ଧାମନଗରର ତାଳପଦର ଠାରେ ମଧ ନିର୍ବାଚନୀ ହିଂସା ଦେଖିବାକୁ ମିଳିଛି। ସାଲେପୁର ଓ ଧାମନଗର ଘଟଣାରେ ଜଣେ ଲେଖାଏଁ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଯାଜପୁର ଜିଲ୍ଲା କୋରେଇ ବଡ଼କଇଁଚି ୧୮୫ ନଂ ବୁଥ୍‌ରେ ଜଣେ ପ୍ରିଜାଇଡିଂ ଅଫିସରଙ୍କ ଉପରେ ଆକ୍ରମଣ ଅଭିଯୋଗ ହୋଇଛି। ଏହି ଘଟଣାରେ ଅଧିକାରୀ ଜଣଙ୍କ ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। କେନ୍ଦ୍ରାପଡ଼ାର ନୀଳକଣ୍ଠପୁରରେ ରାଜନୈତିକ କର୍ମୀଙ୍କ ଉପରେ ଆକ୍ରମଣ ଅଭିଯୋଗ ହୋଇଛି। ଆଉ ଏକ ଅଭାବନୀୟ ଘଟଣାକ୍ରମେ ପାରିବାରିକ କଳହକୁ କେନ୍ଦ୍ରକରି ଭଦ୍ରକରେ ଭୋଟ ଦେବା ପାଇଁ ଆସିଥିବା ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି।

## ମନମୋହନ ସାମଲଙ୍କ ବିରୋଧରେ ପୁଣି ଟଙ୍କା କାରବାର ଅଭିଯୋଗ



**ଭୁବନେଶ୍ୱର,୧।୬(ସମିସ):** ନିର୍ବାଚନର ଠିକ୍ ପୂର୍ବରୁ ଚାନ୍ଦବାଲି ବିଜେପି ବିଧାୟକ ପ୍ରାର୍ଥୀ ମନମୋହନ ସାମଲ ଭୋଟରଙ୍କୁ ଟଙ୍କା ବାଣ୍ଟିଥିବା ବେଳେ ସୋରୋ ବିଜେପି ବିଧାୟକ ପ୍ରାର୍ଥୀ ପର୍ଶୁରାମ ଧଡ଼ା ନିଜ ସମର୍ଥକଙ୍କ ଜରିଆରେ ବିଜେଡି କର୍ମୀଙ୍କ ବିରୋଧରେ ଜାତିଆଣ ମନ୍ତବ୍ୟ ଦେଇଥିବା ଅଭିଯୋଗ ହୋଇଛି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ବିଜେଡି କରିଥିବା ଅଭିଯୋଗ ଅନୁସାରେ ଚାନ୍ଦବାଲିର ଅମର ନଗର ଗ୍ରାମରେ ଲୋକମାନଙ୍କୁ ଗତ ରାତିରେ ଟଙ୍କା ବଣ୍ଟା ଯାଇଥିଲା। ବିଜେପି ବିଧାୟକ ପ୍ରାର୍ଥୀ ମନମୋହନ ସାମଲଙ୍କ ସମର୍ଥକ ତଥା ବିଜେପି କର୍ମୀମାନେ ଭୋଟରମାନଙ୍କ ପାଇଁ ଟଙ୍କା ବାଣ୍ଟି ଥିଲେ। ଧାମରା ମଣ୍ଡଳ ସଭାପତି ଦେବେନ୍ଦ୍ର ନାୟକ ବିଜେପି କର୍ମୀମାନଙ୍କୁ ଟଙ୍କା ବାଣ୍ଟୁଥିବା ସମୟରେ ଧରାପଡ଼ିଥିଲେ। ଏହାକୁ ନେଇ ସେଠାରେ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଅନ୍ୟଏକ ଘଟଣାକ୍ରମେ ସୋରୋ ପଞ୍ଚାୟତ ସମିତି ଅଧକ୍ଷା ତଥା ବିଜେପି ଜିଲ୍ଲା କମିଟିର ପୂର୍ବତନ ସଦସ୍ୟା ଅନୁସୂୟା ମଲିକ୍ ଏକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ବୈଠକରେ ଅଶ୍ଳିଳ ଭାଷାରେ ରାଜନୈତିକ ଆକ୍ଷେପ କରିଥିଲେ। ତେଣୁ ଏହି ମାମଲାରେ ତୁରନ୍ତ ହସ୍ତକ୍ଷେପ କରି ଅନୁସନ୍ଧାନ କରିବା ଲାଗି ବିଜେଡି ଦାବି କରିଛି। ବିଜେଡିର ଏହି ପ୍ରତିନିଧି ଦଳରେ ରାଜ୍ୟସଭା ସାଂସଦ ସୁଲତା ଦେଓ, ଦ୍ୟୁମ୍ନନାଥ ପଣ୍ଡା, ଡ଼ ପ୍ରିୟବ୍ରତ ମାଝୀ, ମଧୁସ୍ମିତା ନାୟକ, ସୋଫିଆ ଆଲାମ, ମିହିର ରାୟ, ଓମ୍ ପ୍ରକାଶ ସାହୁ ଉପସ୍ଥିତ ଥିଲେ।

**● ଶିକ୍ଷା ବିଭାଗ ବରିଷ୍ଠ ଅଧିକାରୀ ଓ କର୍ମଚାରୀଙ୍କ ଦୁଇଦିନିଆ କର୍ମଶାଳା**

## ପ୍ରଗତିଶୀଳ ଶିକ୍ଷା ପରିବେଶ ସୃଷ୍ଟି ଉପରେ ଗୁରୁତ୍ୱାରୋପ

**ଭୁବନେଶ୍ୱର, ୧।୬(ସମିସ):** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଦୁଇଦିନ ଧରି ଚାଲିଥିବା ବରିଷ୍ଠ ଅଧିକାରୀ ଓ କର୍ମଚାରୀଙ୍କ କର୍ମଶାଳା ଶନବାର ଉଦଯାପିତ ହୋଇଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ଅଶ୍ୱଥୀ ଏସ୍ ଯୋଗଦେଇ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି କିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହାସହ ରାଜ୍ୟରେ ପ୍ରଗତିଶୀଳ ଶିକ୍ଷା ପରିବେଶ ସୃଷ୍ଟି କରିବା ଉପରେ ମଧ ବିସ୍ତୃତ ଭାବେ ଆଲୋଚନା କରିଛନ୍ତି। ଗଠନମୂଳକ ଆଭିମୁଖ୍ୟ ନେଇ କାର୍ଯ୍ୟ କରିବା ଓ ସୁଚାରୁରୂପେ ଦାୟିତ୍ୱ ସମ୍ପାଦନ କରିବାକୁ ସେ କର୍ମଚାରୀଙ୍କୁ ପରାମର୍ଶ ଦେଇଛନ୍ତି। ଆଇଆଇଏମ୍ କୋଲକାତାର ପ୍ରଫେସର ସୁରେନ ଶିଷ୍ଟା ଏବଂ ହରିୟାଣା ସ୍କୁଲ ଅଫ ବିଜନେସ୍ ମ୍ୟାନଜମେଣ୍ଟର ପ୍ରଫେସର ଡଃ ସୁନୀତା ରାଣୀ ପ୍ରମୁଖ କର୍ମଶାଳାରେ ଯୋଗଦେଇ ଯୋଗାଯୋଗ, ସମୟ ପରିଚାଳନା, ସମସ୍ୟା ସମାଧାନ ଭଳି ବିଭିନ୍ନ ଦକ୍ଷତା ଉପରେ ପ୍ରଶିକ୍ଷଣ ଦେଇଛନ୍ତି। ନିଜ ଅଭିଜ୍ଞତା ବର୍ଣ୍ଣନା କରି ପ୍ରେରିତ କରିବାକୁ ପ୍ରୟାସ ମଧ କରିଛନ୍ତି। ଏହି କର୍ମଶାଳାରେ ଶିକ୍ଷା ବିଭାଗର ୧୨୦ରୁ ଅଧିକ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ଯୋଗଦେଇଥିଲେ।

## ଦେଶ ବିଦେଶ

**■ ପୂର୍ବୋତ୍ତରରେ 'ରେମଲ' ତାଣ୍ଡବ**

### ବନ୍ୟାରେ ୪୫ ଜଣଙ୍କ ମୃତ୍ୟୁ

**ନୂଆଦିଲ୍ଲୀ, ୧।୬ (ଏଜେନ୍ସି):** ବାତ୍ୟା ରେମଲ ମଣିପୁର, ଆସମ ଏବଂ ମିଜୋରାମ ଭଳି ରାଜ୍ୟରେ ବିପର୍ଯ୍ୟୟ ସୃଷ୍ଟି କରିଛି। ଏହାର ପ୍ରଭାବରେ ପ୍ରବଳ ବର୍ଷା ହେଉଛି। ବର୍ଷା ଯୋଗୁଁ ବନ୍ୟା ଆସିଛି। ଏଥିରେ ଲକ୍ଷାଧିକ ଲୋକ ପ୍ରଭାବିତ ହୋଇଛନ୍ତି। ୪୫ ଜଣଙ୍କ ମୃତ୍ୟୁ ହୋଇଛି। କେବଳ ମିଜୋରାମରେ ବନ୍ୟା ଏବଂ ଭୂସ୍ଖଳନ ଯୋଗୁଁ ୨୯ ଜଣଙ୍କ ଜୀବନ ଯାଇଛି। ସେହିପରି ଆସାମରେ ବନ୍ୟା ଗମ୍ଭୀର ସ୍ଥିତି ସୃଷ୍ଟି କରିଛି। ଏଥିରେ ୧୧ ଜିଲ୍ଲାର ୩.୫ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ୩୦ ହଜାର ଲୋକ ବନ୍ୟା ଆଶ୍ରୟସ୍ଥଳରେ ଅଛନ୍ତି। ୧୨ ଜଣ ପ୍ରାଣ ହରାଇଛନ୍ତି। କଚ୍ଛର ଜିଲ୍ଲା ବନ୍ୟାରେ ସର୍ବାଧିକ ପ୍ରଭାବିତ ହୋଇଛି। ପ୍ରବଳ ବର୍ଷା ଜାରି ରହିଥିବାରୁ ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିଛି। ଏହା ବ୍ୟତୀତ ମଣିପୁରର ହଜାର ହଜାର ଲୋକ ବନ୍ୟାରେ ପ୍ରଭାବିତ ହୋଇଥିବାବେଳେ ୪ ଜଣ ପ୍ରାଣ ହରାଇଛନ୍ତି। ୧୬ ଜଣ ମଧ ଆହତ ହୋଇଛନ୍ତି। ଇମ୍ଫାଲ ନଦୀ ଫୁଲି ଅନେକ ଅଞ୍ଚଳରେ ବନ୍ୟା ଜଳ ପ୍ରବେଶ କରିଛି। ଏଥିଯୋଗୁଁ ନାହିଁ ନ ଥିବା ସ୍ଥିତି ସୃଷ୍ଟି ହୋଇଛି। ସେହିପରି ବନ୍ୟା ଜଳରେ ମେଘାଳୟରେ ଜାତୀୟ ରାଜପଥର ଏକ ଅଂଶ ଭାସି ଯାଇଛି। ଏଥିପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ହଜାର ହଜାର ଗାଡ଼ି ଫସି ରହିଛି। ରାଜ୍ୟର ଅନ୍ୟ କ୍ଷେତ୍ର ସହ ବରାକ ଘାଟୀର ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି।

**● ଅଗ୍ନିପଥ ଯୋଜନାକୁ ନେଇ ରାଷ୍ଟ୍ରପତିଙ୍କୁ ରାହୁଲଙ୍କ ଚିଠି**

### ଯୁବ ବର୍ଗଙ୍କ ପ୍ରତି ଅନ୍ୟାୟ କରାଯାଉଛି

**ନୂଆଦିଲ୍ଲୀ, ୧।୬ (ଏଜେନ୍ସି):** କଂଗ୍ରେସ ନେତା ରାହୁଲ ଗାନ୍ଧୀ ଅଗ୍ନିପଥ ଯୋଜନାକୁ କ୍ରମାଗତ ଭାବେ ସମାଲୋଚନା କରି ଆସୁଛନ୍ତି। କଂଗ୍ରେସ କ୍ଷମତାକୁ ଫେରିଲେ ଏହି ଯୋଜନାକୁ ଉଚ୍ଛେଦ କରାଯିବ ବୋଲି ସେ କହିଛନ୍ତି। ଏବେ ସେ ଏହାକୁ ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ୨ ପୃଷ୍ଠାର ଚିଠି ଲେଖିଛନ୍ତି। ଏହି ମାମଲାରେ ହସ୍ତକ୍ଷେପ କରି ଅଗ୍ନିବୀରଙ୍କୁ ନ୍ୟାୟ ପ୍ରଦାନ କରିବାକୁ ନିବେଦନ କରିଛନ୍ତି। ଏଥିରେ ରାହୁଲ କହିଛନ୍ତି ଯେ ଅଗ୍ନିପଥ ଯୋଜନାରେ ଅନେକ ଦୁର୍ବଳତା ରହିଛି। ଏହି ଯୋଜନାରେ ସୈନିକଙ୍କୁ ନିମ୍ନ କ୍ୟାଡରର ବନା ଯାଉଛି। ତାଙ୍କୁ ଅନ୍ୟ ସୈନିକଙ୍କ ଭଳି କାର୍ଯ୍ୟ ବ୍ୟବହାର କରାଯାଉନାହିଁ। ଅଗ୍ନିବୀର ସାଧାରଣ ସୈନିକଙ୍କ ଭଳି କାର୍ଯ୍ୟ କରିବେ ବୋଲି ଆଶା କରାଯାଇଥିଲା, ମାତ୍ର ସେମାନଙ୍କୁ ଦରମା ଏବଂ ଅନ୍ୟ ସୁବିଧା କମ୍ ଦିଆଯାଉଛି। ରାଷ୍ଟ୍ରପତି ଏହି ଯୋଜନାରେ ହସ୍ତକ୍ଷେପ କରନ୍ତୁ ବୋଲି ରାହୁଲ ନିବେଦନ କରିଛନ୍ତି। ବଳିଦାନ ଦେଉଥିବା ଅଗ୍ନିବୀରଙ୍କ ପରିବାରକୁ ଭେଦଭାବର ସମ୍ମୁଖୀନ ହେବାକୁ ନ ଦେବା ପାଇଁ ସେ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଦାବି କରିଛନ୍ତି। ରାହୁଲ କହିଛନ୍ତି ଯେ ରାଷ୍ଟ୍ରର ସେବାରେ ନିଜ ପ୍ରାଣବଳୀ ଦେଉଥିବା ଅଗ୍ନିବୀରଙ୍କୁ ନ୍ୟାୟ ପ୍ରଦାନ କରାଯାଉ। ଅନ୍ୟ ସୈନିକଙ୍କ ଭଳି ସେମାନଙ୍କୁ ସମାନ ଲାଭ ପ୍ରଦାନକୁ ସୁନିଶ୍ଚିତ କରାଯାଉ। ସାମରିକ ବାହିନୀର ସର୍ବୋଚ୍ଚ କମାଣ୍ଡର ହୋଇଥିବାରୁ ରାଷ୍ଟ୍ରପତି ଏଥିରେ ହସ୍ତକ୍ଷେପ କରନ୍ତୁ ବୋଲି ରାହୁଲ ନିବେଦନ କରିଛନ୍ତି।

**● ଏନ୍‌ଏଚ୍‌ଆରସିଙ୍କ ସୁପାରିସ**

### ମାନବ ଚାଲାଣ ବିରୋଧୀ ନୋଡାଲ ଅଧିକାରୀ ମୁତୟନ କରନ୍ତୁ ରାଜ୍ୟ

**ନୂଆଦିଲ୍ଲୀ, ୧।୬ (ଏଜେନ୍ସି):** ମାନବ ଚାଲାଣ ବିରୋଧୀ ନୋଡାଲ ଅଧିକାରୀ ନିଯୁକ୍ତି କରିବା ପାଇଁ ରାଷ୍ଟ୍ରୀୟ ମାନବାଧିକାର କମିଶନ (ଏନଏଚଆରସି) ପ୍ରତ୍ୟେକ ରାଜ୍ୟଙ୍କୁ ସୁପାରିସ କରିଛନ୍ତି। ଏହି ଅଧିକାରୀ ରାଜ୍ୟ ସରକାରଙ୍କ ସଚିବ କିମ୍ବା ପୁଲିସ ମହାନିରୀକ୍ଷକ (ଆଇଜି) ପଦଠାରୁ ତଳସ୍ତରର ହେବା ଅନୁଚିତ ବୋଲି କହିଛନ୍ତି। ୨୦୨୨ ଅକ୍ଟୋବରରେ ପ୍ରକାଶିତ ଏକ ଗଣମାଧ୍ୟମ ରିପୋର୍ଟ ଉପରେ ନିଜ ଆଡୁ ବିଚାର କରି ଏନଏଚଆରସି ଏହି ସୁପାରିସ କରିଛନ୍ତି। ଏହି ରିପୋର୍ଟରେ ରାଜସ୍ଥାନର ଅଧିକାଂଶ ଜିଲ୍ଲାରେ ଯୁବତୀଙ୍କୁ ଷ୍ଟାମ୍ପ ପେପରରେ ବିକୁଥିବା ମାମଲା ସାମ୍ନାକୁ ଆସିଥିଲା।ଏମାନଙ୍କୁ ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ମୁମ୍ବାଇ, ଦିଲ୍ଲୀ ଏବଂ ବିଦେଶକୁ ପଠା ଯାଉଥିଲା। ସେଠାରେ ଏହି ଯୁବତୀ ଯୌନ ଉତ୍ପୀଡ଼ନ, ନିର୍ଯାତନାର ଶିକାର ହେଉଥିଲେ। କମିଶନ ଏହି ମାମଲା ଉପରେ ଧ୍ୟାନ ଦେବାକୁ ରାଜସ୍ଥାନ ମୁଖ୍ୟ ସଚିବ ଏବଂ ପୁଲିସ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଯୁବତୀଙ୍କ ସ୍ଥିତିର ଅନୁଧାନ ପାଇଁ ଟିମ୍ ପଠାଇବାକୁ କହିଛନ୍ତି।

## +୨ ନାମଲେଖା ପାଇଁ ୭ରୁ ଆରମ୍ଭ ଆବେଦନ

**ଭୁବନେଶ୍ୱର, ୧।୬(ସମିସ):** ଆସନ୍ତା ୭ ତାରିଖ ଠାରୁ +୨ରେ ନାମଲେଖା ପାଇଁ ଆବେଦନ ଆରମ୍ଭ ହେବ। କଳା, ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକ ଓ ଉପଶାସ୍ତ୍ରୀ ବିଭାଗରେ ପଢ଼ିବାକୁ ଛାତ୍ରଛାତ୍ରୀମାନେ ସାମ୍ସ ୱେବସାଇଟ୍ ଙଙଙ.www.samsodisha.gov.in ରେ ଆବେଦନ କରିପାରିବେ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ୨୦୨୪-୨୫ ଶିକ୍ଷାବର୍ଷ ଇ-ଆଡିମିଶନ ପାଇଁ ଏବେଯାଏଁ ସମୁଦାୟ ୨୨୨୧ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପଞ୍ଜିକରିଣ କରିଛନ୍ତି। କଳା ବିଭାଗରେ ୨, ୯୪, ୮୪୦ ଟି ସିଟ୍ ଥିବାବେଳେ ବିଜ୍ଞାନରେ ୧, ୬୬, ୯୨୯, ବାଣିଜ୍ୟରେ ୪୦, ୧୦୪, ସଂସ୍କୃତରେ ୧୩, ୦୮୮ ଏବଂ ଧନ୍ଦାମୂଳକ ଶିକ୍ଷାରେ ୧୦, ୫୦୪ ସିଟ୍ ଉପଲବ୍ଧ ରହିଛି।

## ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହର ମୁକାବିଲା କରିବାକୁ ମୁଖ୍ୟ ଶାସନ ସଚିବଙ୍କ ପରାମର୍ଶ

**ଭୁବନେଶ୍ୱର, ୧।୬(ସମିସ):** ସମ୍ପ୍ରତି ରାଜ୍ୟରେ ମାତ୍ରାଧିକ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଏଥିଯୋଗୁଁ ବିଭିନ୍ନ ଜିଲ୍ଲାରେ ଗତ କିଛି ଦିନ ହେଲା ପ୍ରବଳ ଗରମ ଓ ଗୁଳୁଗୁଳି ଅନୁଭୂତ ହେଉଛି। ଏହାକୁ ନେଇ ଜନଜୀବନ ଅସ୍ତବ୍ୟସ୍ତ। ରାଜ୍ୟରେ ଏଭଳି ସ୍ଥିତି ଆହୁରି କିଛି ଦିନ ଜାରି ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଆଜି ପୂର୍ବାହ୍ନରେ ରାଜ୍ୟରେ ବିଭିନ୍ନ ଜିଲ୍ଲାପାଳମାନଙ୍କ ସହିତ ଭିଡିଓ କନଫରେନ୍ସିଂ ମାଧ୍ୟମରେ ସତର୍କତାମୂଳକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।



ବୈଠକରେ ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ ଏହି ସ୍ଥିତିକୁ ମୁକାବିଲା କରିବା ପାଇଁ ବ୍ୟାପକ ଜନ ସଚେତନତା ଆବଶ୍ୟକ। ଏ ସମ୍ପର୍କରେ ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ତରଫରୁ ବିଭିନ୍ନ ସମୟରେ ନିର୍ଦ୍ଦେଶନାମା ଓ ପରାମର୍ଶ ଦିଆଯାଉଛି। ଏହି ପରାମର୍ଶକୁ ମାନିବାକୁ ସେ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ରାଜ୍ୟରେ ବିଭିନ୍ନ ସମୟରେ ପୂର୍ବରୁ ଏ ସମ୍ପର୍କରେ ସଚେତନ କରାଯାଇଥିଲେ ମଧ, ଜାରି ରହିଥିବା ଏପରି ସ୍ଥିତିରେ ମୁଖ୍ୟ ଶାସନ ସଚିବ ଶ୍ରୀ ଜେନା ପୁଣିଥରେ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାରକୁ ବଢ଼ାଇ ବ୍ୟାପକ ସଚେତନ କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସେହିଭଳି ଦିନ ୧୧ଟା ରୁ ୩ଟା ପର୍ଯ୍ୟନ୍ତ, ଏପରିକି ଗ୍ରୀଷ୍ମ ତାପ ନକ ମିବା ପର୍ଯ୍ୟନ୍ତ ଅତି ଜରୁରୀ କାମ ନଥିଲେ ଘରୁ ନ ବାହାରକୁ ସେ ଅନୁରୋଧ କରିଛନ୍ତି। ସେହିପରି ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଶ୍ରମିକମାନଙ୍କ ପାଇଁ ଏବଂ ଟ୍ରକ୍ ଚାଳକମାନଙ୍କ ପାଇଁ ଆବଶ୍ୟକ ସ୍ଥଳେ ସମୟ ପୁନଃ ନିର୍ଦ୍ଧାରଣ କରିବାକୁ ସେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରମିକମାନେ କାର୍ଯ୍ୟକରୁଥିବା କାର୍ଯ୍ୟସ୍ଥଳୀ ନିକଟସ୍ଥ କ୍ୟାମ୍ପରେ ଯଥେଷ୍ଟ ପରିମାଣର ପାନୀୟ ଜଳ, ଓଆରଏସ୍ ପ୍ୟାକେଟ୍, ପ୍ରାଥମିକ ଚିକିତ୍ସା ବାକ୍ସ ବ୍ୟବସ୍ଥା ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବସ୍‌ରେ ଯାତାୟତ କରୁଥିବା ଯାତ୍ରୀମାନଙ୍କ ପାଇଁ ନିଶ୍ଚିତ ଭାବେ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା ସହ ଓଆରଏସ୍ ପ୍ୟାକେଟ୍, ପାନୀୟ ଜଳ ରଖିବାକୁ ନିଶ୍ଚିତ କରିବା ଓ ଏଥିପ୍ରତି ଯାଞ୍ଚ କରିବାକୁ କହିଛନ୍ତି। ନିର୍ବାଚନ ମତଗଣନା କାର୍ଯ୍ୟରେ ଯେଉଁମାନେ ନିୟୋଜିତ ରହିଛନ୍ତି, ସେମାନଙ୍କ ପାଇଁ ଯେପରି ଦହି, ଲସି, ପାଣି, ବରଫ ମହଜୁଦ ରହେ, ତାହାକୁ ନିଶ୍ଚିତ କରିବାକୁ କୁହାଯାଇଛି। ସେହିପରି ନିର୍ବାଚନ କାର୍ଯ୍ୟ ଓ ମତଗଣନା କାର୍ଯ୍ୟରେ ନିୟୋଜିତ ଅଧିକାରୀ, ପୋଲିଂ ଏଜେଣ୍ଟ ଆଦିମାନଙ୍କର ସ୍ୱାସ୍ଥ୍ୟ ପ୍ରତି ଦୃଷ୍ଟି ଦେବାକୁ କୁହାଯାଇଛି। ଯେଉଁସବୁ ସ୍ଥାନରେ ଜଳଛତ୍ର ଖୋଲାଯାଇଛି, ସେସବୁ ଠିକ୍ ଭାବେ କାର୍ଯ୍ୟକ୍ଷମ ହେଉଛି କି ନାହିଁ, ତାହା ତଦାରଖ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଅନ୍ୟପକ୍ଷରେ ଡାକ୍ତରଖାନାରେ ସମସ୍ତ ପ୍ରସ୍ତୁତି ରହିଥିବା ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗ ଶାସନ ସଚିବ ସୂଚନା ଦେଇଛନ୍ତି। ଗ୍ରୀଷ୍ମ ପ୍ରବାହ ସମୟରେ ଡାକ୍ତରଖାନା ପରିଚାଳନାକୁ ଗୁରୁତ୍ୱ ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗ ସହିତ ଜଡ଼ିତ ଅନ୍ୟ ସମସ୍ତ ସଂସ୍ଥାଙ୍କ ସହିତ ସମନ୍ୱୟ ରଖାଯାଇ ସ୍ୱାସ୍ଥ୍ୟ ସେବା ପରିଚାଳନା କରାଯାଉଛି। ଡାକ୍ତରଖାନାଗୁଡ଼ିକରେ ଯେପରି

**■ ଅସ୍ୱାଭାବିକ ସ୍ଥିତିକୁ ସାମ୍ନା କରିବାକୁ ବ୍ୟାପକ ଜନସଚେତନତା ଲୋଡ଼ା**
**■ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର ବଢ଼ାଇବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ**

କୁଲର, ଏସି ଆଦି କାର୍ଯ୍ୟକ୍ଷମ ରୁହେ, ତାହାକୁ ନିଶ୍ଚିତ କରିବାକୁ ବିଦ୍ୟୁତ ବିଭାଗର ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେବାକୁ ଜିଲ୍ଲାପାଳମାନଙ୍କୁ ବୈଠକରେ ପରାମର୍ଶ ଦିଆଯାଇଥିଲା। ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ଏପରି ଅସ୍ୱାଭାବିକ ସ୍ଥିତିରେ କାହାରି ମୃତ୍ୟୁ ଘଟିଲେ ଏଥିନିମନ୍ତେ ରହିଥିବା ପ୍ରୋଟୋକଲ ଓ ମାର୍ଗଦର୍ଶିକା ଅନୁସାରେ ଶବ ବ୍ୟବଚ୍ଛେଦ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ବୈଠକରେ ଉନ୍ନୟନ କମିଶନର ଅନୁ ଗର୍ଗ, ସ୍ୱତନ୍ତ୍ର ରିଲିଫ କମିଶନର ସତ୍ୟବ୍ରତ ସାହୁ, ସ୍ୱାସ୍ଥ୍ୟ ବିଭାଗ କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତଙ୍କ ସମେତ ଏସ୍‌ଆରସିଙ୍କ କାର୍ଯ୍ୟାଳୟ ଏବଂ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।









ଆସୁଛି ସାବିତ୍ରୀ, ଜମିଲାଣି ଫଳ ବଜାର (ଫଟୋ -ବିକାଶ)

## ଫତୁରାନନ୍ଦ ଥିଲେ ପ୍ରତିଭା ସଂପନ୍ନ ସାରସ୍ୱତ ସାଧକ

● ହାସ୍ୟ ବିକାଶ କେନ୍ଦ୍ର ପକ୍ଷରୁ ୧୦୯ତମ ଜୟନ୍ତୀ



**କଟକ,୧।୬(ସମିସ):** ଫତୁରାନନ୍ଦ ଥିଲେ ପ୍ରତିଭା ସଂପନ୍ନ ସାରସ୍ୱତ ସାଧକ। କାବ୍ୟ-କବିତା ଠାରୁ ଆରମ୍ଭକରି, ଆତ୍ମଜୀବନୀ, ଗଳ୍ପ, ଉପନ୍ୟାସ ପର୍ଯ୍ୟନ୍ତ ତାଙ୍କର ସାରସ୍ୱତ ଯାତ୍ରା ଥିଲା ପରିବ୍ୟାପ୍ତ। ସମାଜର ନାନା ବ୍ୟଥା, ବେଦନାରୁ ମଣିଷକୁ ମୁକ୍ତି ଦେବାପାଇଁ ସେ ନିରନ୍ତର ଲେଖନୀ ଚାଳନା କରୁଥିଲେ। ତାଙ୍କ ପରି ପ୍ରତିଭା ସଂପନ୍ନ ସାରସ୍ୱତ ସାଧକ ଓଡ଼ିଆ ସାହିତ୍ୟରେ ବିରଳ। 'ନାକଟା ଚିତ୍ରକର', 'ନିଲଠା କବି', 'ସାହିତ୍ୟ ଚାଷ', 'ଫୁଟାଡଙ୍ଗାର କାହାଣୀ' ଆଦି ସାରସ୍ୱତ କୃତୀ ଫତୁରାନନ୍ଦଙ୍କୁ ଚିରକାଳ ସ୍ମରଣୀୟ କରି ରଖିବ ବୋଲି ୧୦୯ତମ ଜୟନ୍ତୀରେ ବିଶିଷ୍ଟ ବ୍ୟକ୍ତିମାନେ ମତପ୍ରକାଶ କରିଛନ୍ତି। ହାସ୍ୟ ବିକାଶ କେନ୍ଦ୍ର, କଟକ ପକ୍ଷରୁ ଶନିବାର ସଂଧ୍ୟାରେ ତେଲେଙ୍ଗା ବଜାରସ୍ଥିତ କେନ୍ଦ୍ର କାର୍ଯ୍ୟାଳୟ ଠାରେ ବିଶିଷ୍ଟ ସାରସ୍ୱତ ସାଧକ ତଥା ହାସ୍ୟ-ବ୍ୟଙ୍ଗ ସାହିତ୍ୟର ମହାନ ସ୍ରଷ୍ଟା ଫତୁରାନନ୍ଦଙ୍କ ୧୦୯ତମ ଜୟନ୍ତୀ ପାଳିତ ହୋଇଯାଇଛି। ବିଶିଷ୍ଟ ଅନୁବାଦକ ତଥା କଥାକାର ରଘୁନାଥ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଜୟନ୍ତୀ ଉତ୍ସବରେ ଉତ୍କଳ ସାହିତ୍ୟ ସମାଜର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ଆଡ୍‌ଭୋକେଟ୍ ଗିରିଜାନନ୍ଦ ନାୟକ, ଡକ୍ଟର ସୁନାମଣି ରାଉତ, ଡକ୍ଟର ବୈଜୟନ୍ତୀ ମିଶ୍ର ଓ ସରୋଜିନୀ ମିଶ୍ର ପ୍ରମୁଖ ଯୋଗଦେଇ ଫତୁରାନନ୍ଦଙ୍କ ସାଧନାମୟ ଜୀବନ ଓ କୃତି ସଂପର୍କରେ ଆଲୋଚନା ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପ୍ରକାଶକ ଶିବାଶିଷ କର ଧନ୍ୟବାଦ ଦେଇଥିଲେ।

## ଡ୍ରିମ୍‌ସ ମେଡିକାଲ କଲେଜରେ ବିଶ୍ୱ ତମାଖୁ ବର୍ଜନ ଦିବସ



**କଟକ,୧।୬(ସମିସ):** ଡ୍ରିମ୍‌ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ ହେଲଥ୍ ସାଇନ୍ସ ଆଣ୍ଡ ହସ୍‌ପିଟାଲ ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଶୁଭେଚ୍ଛା ବାର୍ତ୍ତା ଦେଇ ତମାଖୁ ସେବନଜନିତ ସ୍ୱାସ୍ଥ୍ୟ ସମସ୍ୟା ଏବଂ ଏନେଇ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାରେ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ପ୍ରମୁଖ ଭୂମିକା ରହିଛି ବୋଲି କହିଥିଲେ। ଶିକ୍ଷାନୁଷ୍ଠାନର 'ଡିନ୍' ପ୍ରଫେସର ଡା ବିରଞ୍ଚି ନାରାୟଣ ମହାପାତ୍ର ବିଶ୍ୱ ତମାଖୁ ବର୍ଜନ ଦିବସ ପାଳନର ତାତ୍ପର୍ଯ୍ୟ ସଂପର୍କରେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ଏମ୍‌ବିବିଏସ୍ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ଏକ ସଚେତନତା ପଦଯାତ୍ରା କ୍ୟାମ୍ପସ ପରିକ୍ରମା କରିଥିଲା। ଛାତ୍ରଛାତ୍ରୀମାନେ 'ପଦ୍ମିନୀ କେୟାର'କୁ ଯାଇ ସଚେତନା ବାର୍ତ୍ତା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଡା. ମନ୍ମଥ ନାଥ ମଣ୍ଡଳ, ଡା. ମୃତ୍ୟୁଞ୍ଜୟ ପଣ୍ଡା, ଡା. ଚାରୁଲତା ଷଡଙ୍ଗୀ, ଡା. ଅରବିନ୍ଦ ସାମନ୍ତରାୟ, ଡା. ଅର୍ପିତା ପ୍ରିୟଦର୍ଶିନୀ ଡା. ବିଲୁ ମହାନ୍ତି, ମାନବସମ୍ବଳ ବିଭାଗ ମୁଖ୍ୟ ପ୍ରଦ୍ୟୁତ୍ କୁମାର ଷଡଙ୍ଗୀଙ୍କ ସମେତ ବିଭିନ୍ନ ବିଭାଗର ଅଧ୍ୟାପକ, ଅଧ୍ୟାପିକା କାର୍ଯ୍ୟକ୍ରମରେ ଯୋଗଦେଇ ବିଶ୍ୱବ୍ୟାପୀ ପାଳିତ ହେଉଥିବା ତମାଖୁ ବର୍ଜନ ଦିବସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଅଭିମତ ରଖିଥିଲେ।

ରିଂବନ୍ଧ ରାସ୍ତାରେ ବିପଜ୍ଜନକ ଅବସ୍ଥାରେ ଶୋଉଛନ୍ତି ବସ୍ତିବାସିନ୍ଦା

# ରାତ୍ର ଆଶ୍ରୟସ୍ଥଳୀ ପଡୁଛି ଫାଙ୍କା: ଚେତୁ ନାହାନ୍ତି ଅମାନିଆ

କଟକ,୧।୬(ସମିସ)

କମିଶନରେଟ୍ ପୁଲିସର ଚିନ୍ତା ବଢ଼ାଇଛନ୍ତି ମଦ୍ୟପ ଡ୍ରାଇଭର ଓ ରାସ୍ତା କଡରେ ଶୋଉଥିବା ଅମାନିଆ ପଥଚାରୀ। ରିଂବନ୍ଧରେ ରାତି ୧୦ଟା ବାଜିଲେ ସଂଖ୍ୟାଧିକ ବଞ୍ଜାରା, ବସ୍ତି ବାସିନ୍ଦା, ଭିକାରି ଏବଂ ମଦ୍ୟପମାନେ ଶୋଉ ଥିବାର ଦେଖିବାକୁ ମିଳୁଛି। ବିନା ଭୟରେ ରାସ୍ତା କଡ଼, ଫୁଟ୍‌ପ୍ୟାଥ୍ ଏବଂ ରିଂବନ୍ଧ ଉପରେ ଏମାନେ ରାତି ସାରା ଶୋଇ ରହୁଛନ୍ତି। ଏବେ ନିର୍ବାଚନ ପାଇଁ ଯଦିଓ ପୁଲିସ ଚେକିଂ କଡାକଡି ରହିଛି, ତଥାପି ଏମାନଙ୍କୁ ରାସ୍ତା କଡରେ ଶୋଇବାକୁ ବାରଣ କରିବାରେ ପୁଲିସ ବିଫଳ ହୋଇଛି। ଏଭଳି ଦୃଶ୍ୟ ମଣିମନ୍ଦିର ଛକଠାରୁ ଚହଟା ଛକ ପର୍ଯ୍ୟନ୍ତ ଏବଂ ଚହଟା ଛକଠାରୁ ମାଲଗୋଦାମ ଥାନା ପର୍ଯ୍ୟନ୍ତ ରିଂବନ୍ଧ କଡରେ ପ୍ରତ୍ୟେକ ଦିନ ରାତିରେ ଦେଖିବାକୁ ମିଳୁଛି। ଯେହେତୁ ରିଂବନ୍ଧରେ ବିଳମ୍ବିତ ରାତ୍ରିରେ ମାଲବାହୀ ଗାଡି ଏବଂ ବାଲି ବୋଝେଇ ହାଇୱା ଗୁଡ଼ିକ ଦ୍ରୁତ ଗତିରେ ଯିବା ଆସିବା କରୁଛନ୍ତି, ତେଣୁ ଏମାନଙ୍କ ଜୀବନ ପ୍ରତି ବିପଦ ଦେଖା ଦେଇଛି। ଏବେ ନେତାଜୀ ବସ୍ ଟର୍ମିନାଲ କଡ ୬ଥାକିଆ ରାସ୍ତା ନିର୍ମାଣ କାର୍ଯ୍ୟ ହେଉଛି। ଏଥି ପାଇଁ ମଲାଚଣ୍ଡିଆ ଛକରେ ରିଂବନ୍ଧକୁ ଖୋଲି ଦିଆଯାଇଛି। ଏଠାରେ ୫୦ରୁ ଅଧିକ ବସ୍ତି ବାସିନ୍ଦା ରାସ୍ତା କଡ଼ରେ ରାତି କଟାଉଛନ୍ତି। ଏଭଳି ବିପଦପୂର୍ଣ୍ଣ ସ୍ଥାନରେ ରାତିରେ ଶୋଇବା ଆଦୌ ନିରାପଦ ନୁହେଁ। ଯଦି କୌଣସି ମାଲବୋଝେଇ ଗାଡ଼ି ରାସ୍ତା କଡ଼କୁ ମାଡିଯାଏ, ତେବେ ଅକାରଣେ ଜୀବନ ହାନି ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଏହି ସମସ୍ୟା ବାବଦରେ ଏଡିସିପି ଅନିଲ୍ କୁମାର ମିଶ୍ରଙ୍କୁ ପ୍ରଶ୍ନ କରିବାରୁ ସେ କହିଛନ୍ତି,

**ପୁଲିସ ମାଇକ୍‌ରେ ପ୍ରଚାର କଲେ ମଧ ଫଳ ଶୂନ**



ପୂର୍ବରୁ ରାସ୍ତା କଡ଼ରେ ବିପଦପୂର୍ଣ୍ଣ ଭାବେ ନଶୋଇବାକୁ ପ୍ରଚାର କରାଯାଇଥିଲା। କିନ୍ତୁ ବଞ୍ଜାରା, ବସ୍ତି ବାସିନ୍ଦା ଏସବୁକୁ କର୍ଣ୍ଣପାତ କରୁନାହାନ୍ତି। ଏଣିକି ପ୍ରତ୍ୟେକ ଦିନ ରାତିରେ ପିସିଆର୍ ଭ୍ୟାନ୍ ବୁଲି ଉଭୟ ବାଦାମବାଡ଼ି ଥାନା ଏବଂ ପୁରୀଘାଟ ଥାନା ଅଞ୍ଚଳରେ ଯେଉଁମାନେ ରାସ୍ତା କଡରେ ଶୋଉଛନ୍ତି, ସେମାନଙ୍କୁ ବାରଣ କରିବ। ତା'ପରେ କୌଣସି ଲୋକ ଅମାନିଆଁ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏଡିସିପି ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ଅନୁସାରେ, ସହରରେ ୫ଟି ରାତ୍ର ଆଶ୍ରୟସ୍ଥଳୀ ରହିଛି। ମହାନଗର ନିଗମ ପକ୍ଷରୁ ଏହି ରାତ୍ର ଆଶ୍ରୟସ୍ଥଳୀକୁ ପରିଚାଳନା କରାଯାଉଛି। ସହରରେ କୌଣସି ଲୋକ ଯେମିତି ରାସ୍ତା କଡରେ ନଶୋଇବେ, ସେମାନଙ୍କୁ ରାତ୍ର ଆଶ୍ରୟସ୍ଥଳରେ ରଖାଯିବାର ବ୍ୟବସ୍ଥା କରାଯାଇଛି। ସତୀଚଉରା, କାଠଗଡ଼ା ସାହି, ଶିଶୁ ଭବନ, ଜଗତପୁର ଏବଂ ଦେଉଳସାହିରେ ଆଶ୍ରୟସ୍ଥଳୀ ଖୋଲାଯାଇ ଅସହାୟ ଲୋକଙ୍କୁ ଆଶ୍ରୟ ଦିଆଯାଉଛି। ସେହିପରି ୨ଟି ଆନନ୍ଦାଳୟ ଖୋଲାଯାଇ ଭିକାରୀ ଏବଂ ବଞ୍ଜାରାଙ୍କୁ ରଖାଯାଉଛି। ପ୍ରଶାସନ ଏଭଳି ଉତ୍ତମମାନର ବ୍ୟବସ୍ଥା କରିଥିବା ବେଳେ ରାସ୍ତା କଡରେ ଶହ ଶହ ଅମାନିଆ



ଶୋଉଛନ୍ତି। ଅନ୍ୟପଟେ ମାଲଗୋଦାମ ଥାନା ସାମ୍ନା, ହାୱାର୍ଡମୋଟର ଛକ, କ୍ୟାଣ୍ଟନମେଣ୍ଟ୍ ଥାନା ସମ୍ମୁଖ, ଗୋରାକବର ପର୍ଯ୍ୟନ୍ତ ରିଂବନ୍ଧ ଉପରେ ବେପରୁଆ ଭାବେ ବଞ୍ଜାରା ଓ ବସ୍ତିବାସିନ୍ଦାମାନେ ରାତିରେ ରିଂବନ୍ଧ କଡରେ ଶୋଉଛନ୍ତି। ଯଦି ଦୁର୍ଘଟଣା ଘଟେ ତେବେ ଦାୟୀ ରହିବ କିଏ? ଏଭଳି ପ୍ରଶ୍ନ କରଛନ୍ତି ମଲାଚଣ୍ଡିଆଛକସ୍ଥିତ ପାନ ଦୋକାନ କରିଥିବା ସ୍ଥାନୀୟ ବାସିନ୍ଦା ଟଙ୍କଧର ବେହୁରା। ଏଥିପ୍ରତି ପ୍ରଶାସନ ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ ଉଠିଛି। ଏହା ଉପରେ କାହାର ନିୟନ୍ତ୍ରଣ ରହୁନାହିଁ। ଅନେକ ସମୟରେ ଦୁର୍ଘଟଣା ଘଟି ଧନଜୀବନ କ୍ଷୟକ୍ଷତି ଘଟୁଛି। ଅନ୍ୟ ପକ୍ଷରେ ହାଇୱା ଚାଳକମାନେ ବେଗରେ ନିୟନ୍ତ୍ରଣ ନରଖି ବେପରୁଆ ଭାବେ ଗାଡି ଚାଳନା କରୁଛନ୍ତି। ଏବେ ଦ୍ରୁତଗତିରେ ହାଇୱା ଚଳାଚଳ ସଡ଼କ ଦୁର୍ଘଟଣାର ମୁଖ୍ୟ କାରଣ ହୋଇଛି। ବହୁ ଭାରୀଯାନରେ ବିନା ନମ୍ବର ପ୍ଲେଟ୍‌ରେ ମଧ ଚଳାଚଳ କରୁଛି। ତେଣୁ ଭାରୀଯାନର ଚଳାଚଳରେ ସମସ୍ତ ନିୟମ ପାଳନ କରାଯିବା ଲାଗି ପରିବହନ ତଥା ଟ୍ରାଫିକ ପୁଲିସ ପ୍ରଶାସନ କଡା ପଦକ୍ଷେପ ଗ୍ରହଣ କରିବା ଲାଗି ଦାବି ହେଉଛି।

## ଏଏଚ୍‌ପିଜିଆଇସି ଅଧକ୍ଷା ପ୍ରଫେସର ପଦ୍ମାଳୟା ଦେବୀଙ୍କ ଅବସର

କଟକ,୧।୬(ସମିସ)

ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ପ୍ରତିଷ୍ଠାନ (ଏଏଚ୍‌ପିଜିଆଇସି)ର ଡିନ୍ ତଥା ଅଧକ୍ଷା ପ୍ରଫେସର ଡାକ୍ତର ପଦ୍ମାଳୟା ଦେବୀ ଅବସର ଗ୍ରହଣ କରିଛନ୍ତି। ପ୍ରତିଷ୍ଠାନ ପରିସରରେ ଥିବା ଲେକଚର ହଲ୍‌ରେ ଆଜି ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ସର୍ଜିକାଲ ଅଙ୍କୋଲୋଜି ବିଭାଗୀୟ ମୁଖ୍ୟ ଭାବେ ଦାୟିତ୍ୱ ତୁଲାଇବା ସହ ଗତ ଦୁଇବର୍ଷ ହେବ ସେ ଅଧକ୍ଷା ପଦବୀରେ ରହିଥିଲେ। ରୋଗୀ ସେବା କ୍ଷେତ୍ରରେ ଡାକ୍ତର ପଦ୍ମାଳୟାଙ୍କ ଅବଦାନ ଅବିସ୍ମରଣୀୟ ବୋଲି ଏହି ଅବସରରେ ମତ ପ୍ରକାଶ ପାଇଥିଲା। ଏହାଛଡ଼ା ଅଧକ୍ଷା ଦାୟିତ୍ୱରେ ରହିବା ପରେ ଶିକ୍ଷାଦାନ ବ୍ୟବସ୍ଥାରେ ସେ ଅନେକ ପରିବର୍ତ୍ତନ ଆଣିଥିଲେ। ସମ୍ବର୍ଦ୍ଧନା ସଭାରେ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡାକ୍ତର



ଦୀପକ ରାଉତରାୟ, ଅଧୀକ୍ଷକ ପ୍ରଫେସର ଡାକ୍ତର ରେଖା ଦାସଙ୍କ ସମେତ ପ୍ରଫେସର ଡାକ୍ତର ଏସ୍.ଏନ ସେନାପତି, ପ୍ରଫେସର ଡାକ୍ତର ପି.ସି ସେଠୀ, ପ୍ରଫେସର ଡାକ୍ତର ସୁଦୀପ ମହାନ୍ତି, ପ୍ରଫେସର ଡାକ୍ତର ନିହାରିକା ପଣ୍ଡା, ପ୍ରଫେସର ଡାକ୍ତର ସୁମିତା ମହାନ୍ତି, ପ୍ରଫେସର ଡାକ୍ତର କୁନାଲ ଗୌତମ, ପ୍ରଫେସର ଡାକ୍ତର ଦୀପ୍ତିରାଣୀ ସାମନ୍ତ, ଡାକ୍ତର ସୁବ୍ରତ ସାମନ୍ତରାୟ, ଡାକ୍ତର ଭାରତ ଭୂଷଣ ଶତପଥୀ, ଡାକ୍ତର ରଜତ ଦାସ, ଡାକ୍ତର ଜାନକୀ, ଡାକ୍ତର ସସ୍ମିତା ପଣ୍ଡା, ସିନିୟର ରେସିଡେଣ୍ଟ, ଷ୍ଟାଫ ନର୍ସ, ଡିଆରଟିଟି ଷ୍ଟାଫ, ସୁବ୍ରତ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଅଧୀକ୍ଷକ ପ୍ରଫେସର ଡାକ୍ତର ରେଖା ଦାସ ପ୍ରତିଷ୍ଠାନର ଇନଚାର୍ଜ ଡିନ୍ ତଥା ଅଧକ୍ଷା ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ନିର୍ଦ୍ଦେଶକ ଡାକ୍ତର ରାଉତରାୟଙ୍କ ଉପସ୍ଥିତିରେ ପ୍ରଫେସର ଦାସ ଆଜିଠାରୁ ଦାୟିତ୍ୱ ନେଇଛନ୍ତି।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା

କଟକ,୧।୬(ସମିସ): ପ୍ୟାରୀମୋହନ ଏକାଡେମୀ ବିଦ୍ୟାଳୟର କାର୍ଯ୍ୟାଳୟ ସହାୟକ ଭାବେ କାର୍ଯ୍ୟ କରୁଥିବା ବସନ୍ତ କୁମାର ଜେନା ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମନୀଷା ବିଶ୍ୱାଳ ଅଧ୍ୟକ୍ଷତା କରି ଶ୍ରୀ ଜେନାଙ୍କ ପ୍ୟାରୀମୋହନ ଏକାଡେମୀ ବିଦ୍ୟାଳୟ ପ୍ରତି ଥିବା ଭଲପାଇବା ଓ କାର୍ଯ୍ୟନିଷ୍ଠା ସମ୍ବନ୍ଧରେ ବର୍ଣ୍ଣନା କରିଥିଲେ। ଶେଷରେ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ଶ୍ରୀ ଜେନାଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ପ୍ରକାଶଥାଉକି ଶ୍ରୀ ଜେନା ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ମଧ କିଛି ବର୍ଷ କାର୍ଯ୍ୟ କରି ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଥିଲେ।



## କେନ୍ଦ୍ରାଞ୍ଚଳ ଆରଡିସି ଦାୟିତ୍ୱରେ ଆର୍. ସନ୍ଥନଗୋପାଲନ୍

**କଟକ,୧।୬(ସମିସ):** ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ଆର୍ ସନ୍ଥନଗୋପାଲନ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଶନିବାର ସେ କାର୍ଯ୍ୟରେ ଯୋଗଦେଇଛନ୍ତି। ଦାୟିତ୍ୱଗ୍ରହଣ ପରେ ସେ ସାଲେପୁର, ମାହାଙ୍ଗା ଏବଂ କେନ୍ଦ୍ରାପଡା ଲୋକସଭା ନିର୍ବାଚନ ମଣ୍ଡଳୀର ସ୍ଥାନ ପରିଦର୍ଶନ କରିଛନ୍ତି। ପରେ ପରେ ଏହି ଅବସରରେ ଆୟୁକ୍ତଙ୍କ ସଚିବ ଏବଂ ଅତିରିକ୍ତ ସଚିବଙ୍କ ସହ କାର୍ଯ୍ୟାଳୟରେ ଆଲୋଚନା କରିଛନ୍ତି।

## ମୁଁ କୋଟିପତି ନୁହେଁ ବରଂ ଲୋନୀ: ସୌଭିକ

କଟକ,୧।୬(ସମିସ)



ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ସୌଭିକ୍ ବିଶ୍ୱାଳ ଜଣେ କୋଟିପତି ବୋଲି ନିର୍ଦ୍ଦିଷ୍ଟ କେତେକ ଗଣମାଧ୍ୟମରେ ଖବର ପ୍ରସାରିତ ହେଉଅଛି। ଏହି ଖବର ଅବଗତ ହେବାପରେ ପ୍ରାର୍ଥୀ ଶ୍ରୀ ସୌଭିକ୍ ଏହାକୁ ଦୃଢ଼ଭାବେ ଖଣ୍ଡନ କରି କହିଛନ୍ତି ମୁଁ କୋଟିପତି ନୁହେଁ ବରଂ ମୁଁ ଲୋନୀ ଅଟେ। ମୋ ୫ ବର୍ଷର ବିଧାୟକ ସମୟରେ ମୋ ମୁଣ୍ଡ ଉପରେ ବର୍ତ୍ତମାନ ୧କୋଟି ୨୦ଲକ୍ଷ ଟଙ୍କାର ଋଣବୋଝ ରହିଛି। ମହାନଦୀବିହାର ସ୍ଥିତ ବାସଭବନରେ ଆଜି ଏକ ସମ୍ବାଦିକ ସମ୍ମିଳନୀରେ ୫ବର୍ଷ ବିଧାୟକ ସମୟରେ ବିଭିନ୍ନ ବ୍ୟାଙ୍କରୁ ପ୍ରାୟ ୧ କୋଟି ୨୦ଲକ୍ଷ ଟଙ୍କା ଋଣ ଆଣିଥିବାର ଉପଯୁକ୍ତ ପ୍ରମାଣ ସହ ଗଣମାଧ୍ୟମକୁ ଦର୍ଶାଇଛନ୍ତି ଶ୍ରୀ ସୌଭିକ୍। ସୌଭିକ୍‌ଙ୍କର ୨୦୧୯ ନିର୍ବାଚନ ସତ୍ୟପାଠ ଅନୁଯାୟୀ ୨୦ଲକ୍ଷ ୬୮ ହଜାର ୮୦୦ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଥିବା ବେଳେ ସେହି ସମ୍ପତ୍ତିର ମୂଲ୍ୟ ବଢ଼ି ୨୦୨୪ ନିର୍ବାଚନ ସତ୍ୟପାଠରେ ୫୨ ଲକ୍ଷ ୬୩ ହଜାର ୬୬୮ଟଙ୍କା ବୋଲି ଦର୍ଶାଯାଇଛି। ୨୦୧୪ ମସିହା ନିର୍ବାଚନ ସତ୍ୟପାଠରେ ମୋର ପିତା ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ ମହାନଦୀ ବିହାରରେ ଥିବା ଦେଢ ଗୁଣ୍ଠ ଜାଗା ଉପରେ ଥିବା ଘର ୫୦ ଲକ୍ଷ ଟଙ୍କା ବୋଲି ଦେଖାଇଥିଲେ। ୨୦୨୨ ମସିହାରେ ବିଧାୟକ ସୌଭିକ ବିଶ୍ୱାଳ ସେହି ଜାଗା ଉପରେ ଥିବା ତୃତୀୟ ମହଲା ଘର କରିବା ପାଇଁ ଏକ ଘରୋଇ ବ୍ୟାଙ୍କରୁ ୧ କୋଟି ୧୫ଲକ୍ଷ ଟଙ୍କାର ଋଣ ଆଣିଥିଲେ। ସେହି ଜାଗାର ବର୍ତ୍ତମାନ ବଜାର ମୂଲ୍ୟ ୩ କୋଟି ୫୦ ଲକ୍ଷ ଟଙ୍କା ହେବ ବୋଲି ଯାହାକି ୨୦୨୪ ନିର୍ବାଚନ ସତ୍ୟପାଠରେ ଦର୍ଶାଯାଇଛି। ୨୦୨୨ ମସିହାରେ ସୌଭିକ ବିବାହ କରିବା ପରେ ତାଙ୍କ ସହଧର୍ମଣୀଙ୍କ ନାମରେ ୭୦ଲକ୍ଷ ଟଙ୍କା ସମ୍ପତ୍ତି ଥିବା ଓ ୨୫ଲକ୍ଷ ଟଙ୍କାର ଋଣ ରହିଥିବାର ସତ୍ୟପାଠରେ ମଧ ଦର୍ଶାଯାଇଛି। ୧୯୯୫ ମସିହାର କ୍ରୟ କରାଯାଇଥିବା ପିତାଙ୍କ ସମ୍ପତ୍ତି, ପତ୍ନି ଓ କନ୍ୟାଙ୍କ ସମ୍ପତ୍ତିକୁ ମିଶାଇ ମୋଟ ୫ କୋଟି ୪ଲକ୍ଷ ୨୯ହଜାର ୨୩୨ଟଙ୍କା ହେବା ବୋଲି ସୌଭିକ ୨୦୨୪ ନିର୍ବାଚନ ସତ୍ୟପାଠରେ ଦର୍ଶାଇଛନ୍ତି। ତେଣୁ ୧୯୯୫ ମସିହାର ବାପାଙ୍କ ସମ୍ପତ୍ତିକୁ ବାଦ ଦେଲେ ମୋ ଉପରେ ଏବେ ବହୁ ପରିମାଣର ଋଣ ରହିଛି। ଏହାର ବାସ୍ତବତାକୁ ଉପଲବ୍ଧ ନ କରି କେତେକ ନିର୍ଦ୍ଦିଷ୍ଟ ଗଣମାଧ୍ୟମ କିଛି ବ୍ୟକ୍ତିଙ୍କ ପ୍ରରୋଚନାରେ ବିନା ପ୍ରତିକ୍ରିୟାରେ କୋଟିପତି ବିଧାୟକ ଖବର ପ୍ରସାରଣକୁ ଶ୍ରୀ ସୌଭିକ ନିନ୍ଦା କରିଛନ୍ତି। ତେଣୁ ସତ୍ୟକୁ ଉପଲବ୍ଧ କରି ଖବର ପ୍ରାସାରଣ କରିବାକୁ ଆଜି ଗଣମାଧ୍ୟମକୁ ଅନୁରୋଧ କରିଥିଲେ ସୌଭିକ।

# ସିଟି ସ୍କାନ ମେସିନ ଅଚଳ; ଆଶଙ୍କାରେ ପୁନଃ ମରାମତି

କଟକ,୧।୬(ସମିସ)

ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ପ୍ରତିଷ୍ଠାନରେ ଗତ ତିନି ଦିନ ହେଲାଣି ସିଟି ସ୍କାନ ମେସିନ ଅଚଳ ହୋଇ ପଡ଼ିଛି। ଯେଉଁଥିପାଇଁ ରୋଗୀ ସେବା ବହୁମାତ୍ରାରେ ବାଧାପ୍ରାପ୍ତ ହେଉଥିବା କିଛି ରୋଗୀ ସମ୍ପର୍କୀୟ ଅଭିଯୋଗ ଉଠାଇଛନ୍ତି। ହସ୍ପିଟାଲରେ ଗୋଟିଏ ସିଟି ସ୍କାନ ଏବଂ ଗୋଟିଏ ପେଟ୍ ସିଟି ସ୍କାନ ମେସିନ ରହିଛି। ସିଟି ସ୍କାନ ମେସିନ ଅଚଳ ହେବା ଯୋଗୁଁ ରୋଗୀ ହଇରାଣରେ ପଡିଛନ୍ତି। ଅନେକ ରୋଗୀ ପ୍ରେସକ୍ରିପସନ ଧରି ଏସ୍‌ସିବି ମେଡିକାଲ ନିଦାନ କେନ୍ଦ୍ରରେ ଧାଡ଼ି ଲଗାଇଛନ୍ତି। ଏ ବାବଦରେ ପ୍ରତିଷ୍ଠାନର କୌଣସି ଅଧିକାରୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ। ତେବେ ଅଚଳ ହୋଇଥିବା ଏହି ସିଟି ସ୍କାନ ମେସିନ ପୁନଃ ମରାମତି ହୋଇ ପାରିବ କି ନାହିଁ ତାହାକୁ ନେଇ ଆଶଙ୍କା ଉପୁଜିଛି।

**ଆଚାର୍ଯ୍ୟ ହରିହର କ୍ୟାନ୍ସର ହସ୍ପିଟାଲ**

- ତିନି ମାସ ପୂର୍ବରୁ ସୂଚାଇଥିଲା କମ୍ପାନୀ
- ପୁନଃ ମରାମତି ଅସମ୍ଭବ ବୋଲି ଚିଠିରେ ଜଣାଇଥିଲା

କର୍କଟ ରୋଗ ଚିକିତ୍ସା କ୍ଷେତ୍ରରେ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନ ପୂର୍ବ ଭାରତର ସର୍ବବୃହତ୍ତ ସରକାରୀ ଚିକିତ୍ସାଳୟ। ଏସ୍‌ସିବି ସମ୍ପ୍ରସାରଣ ପ୍ରକଳ୍ପ ମଧ୍ୟରେ କ୍ୟାନ୍ସର ହସ୍ପିଟାଲର ମଧ ନବୀକରଣ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ତେବେ ଗତ ଫେବୃୟାରୀ ମାସରେ କ୍ୟାନ୍ସର ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଏକ ଚିଠି ଆସିଥିଲା। ଚିଠିରେ ଉଲ୍ଲେଖ ହୋଇଥିଲା ଯେ, ଏଠାରେ ରହିଥିବା ଏକମାତ୍ର ସିଟି ସ୍କାନ ମେସିନ ପୁନଃ ମରାମତି ଯୋଗ୍ୟ ଅବସ୍ଥାରେ ଆଉ ନାହିଁ। ଏଣୁ ଆଗାମୀ ଦିନରେ ଯଦି ମେସିନଟି ଅଚଳ ହୋଇ ପଡେ ତାହେଲେ ମରାମତି କରାଯାଇ ପାରିବ ନାହିଁ। ମେସିନଟି ସମ୍ପୂର୍ଣ୍ଣ ରୂପେ ନଷ୍ଟ ହେବ। ସିଟି ସ୍କାନ ମେସିନ ପ୍ରଦାନ କରିଥିବା ନିର୍ଦ୍ଦିଷ୍ଟ କମ୍ପାନୀ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଏଭଳି ଏକ ଚିଠି ଲେଖିଥିଲା। ଯଦ୍ୱାରା ରୋଗୀ ସେବା ବାଧାପ୍ରାପ୍ତ ହେବାର ଯଥେଷ୍ଟ ସମ୍ଭାବନା ସୃଷ୍ଟି ହୋଇଥିଲା। ଯଦି ମେସିନ ଥରେ ଅଚଳ ହେବ ତାହେଲେ ଆଉ ମରାମତି ହୋଇ ପାରିବ ନାହିଁ ବୋଲି କମ୍ପାନୀ ପୂର୍ବରୁ ସୂଚାଇ ଦେଇଥିଲା। ଏଭଳି ଜଟିଳ ସମସ୍ୟା ଦେଖା ଦେବା ପୂର୍ବରୁ ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବା ଉଚିତ ବୋଲି ମଧ କୁହାଯାଇଥିଲା। ତେବେ ସାମ୍ପ୍ରତିକ ପରିସ୍ଥିତିରେ ସିଟି ସ୍କାନ ମେସିନ ହଠାତ ଅଚଳ ହୋଇ ପଡ଼ିଥିବା ବେଳେ ଏହା ପୁନଃ ମରାମତି ହେବ କି ନାହିଁ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## କଟକ ମହାନଗର ଶାନ୍ତି କମିଟିର ସ୍ମରଣିକା କମିଟି ବୈଠକ

**କଟକ,୧।୬(ସମିସ):** ଆଜି କଟକ ମହାନଗର ଶାନ୍ତି କମିଟି ପକ୍ଷରୁ ଗଠନ କରାଯାଇଥିବା ସ୍ମରଣିକା କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଶାନ୍ତି କମିଟିର ସଭାପତି ଦେବେନ୍ଦ୍ରନାଥ ସାହୁ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ଭିକାରୀ ଦାସ କମିଟି ପକ୍ଷରୁ ଏକ ସ୍ମରଣିକା ପ୍ରକାଶ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲେ ମଧ କେତେକ ବିଶେଷ କାରଣରୁ ଏହା ପ୍ରକାଶିତ ହେବାରେ ବିଳମ୍ବ ଘଟିଛି। ଏଥି ମଧ୍ୟରେ କେତେକ କମିଟି ସ୍ମରଣିକା ନିମନ୍ତେ ତାଙ୍କର ଲେଖା ପଠାଇ ନାହାନ୍ତି। ଯେଉଁ ମଣ୍ଡପମାନେ ଦେଇନାହାନ୍ତି ସେମାନେ ତାଙ୍କ ମଣ୍ଡପର ଫଟୋ, ସଭାପତି ଓ ସମ୍ପାଦକଙ୍କ ଫଟୋ ସହ ମୋବାଇ ନମ୍ବର ଏବଂ ମଣ୍ଡପର ଏକ ସଂକ୍ଷିପ୍ତ ବିବରଣୀ ଆପଣଙ୍କ ମଣ୍ଡପ ସହ ଯୋଗାଯୋଗରେ ଥିବା ଶାନ୍ତି କମିଟିର କର୍ମକର୍ତ୍ତା କିମ୍ବା ଶାନ୍ତି କମିଟି ସଭାପତି ବା ସମ୍ପାଦକଙ୍କ ନିକଟରେ ଜୁନ ୨୦ ତାରିଖ ମଧ୍ୟରେ ଦାଖଲ କରିବାକୁ ଶ୍ରୀ ଦାସ ନିବେଦନ କରିଛନ୍ତି।

# ସରିଲା ଶେଷ ପର୍ଯ୍ୟାୟ ନିର୍ବାଚନ

## କେତେକ ସ୍ଥାନରେ କାଁ ଭାଁ ଗଣ୍ଡଗୋଳ

## ଅନେକ ବୁଥ୍‌ରେ ଇଭିଏମ୍ ତ୍ରୁଟି ପାଇଁ ମତଦାନ ବିଳମ୍ବ

### କଣ୍ଟାପଡ଼ାରେ ତିନି ଆହତ



କଣ୍ଟାପଡ଼ା, ୧।୬(ସମିସ)

ଚଳିତ ନିର୍ବାଚନର ଶେଷ ପର୍ଯ୍ୟାୟ ମତଦାନ ଆଜି ଅନୁଷ୍ଠିତ ହୋଇଯାଇଛି। କାଁ ଭାଁ ଗଣ୍ଡଗୋଳ ଓ ଇଭିଏମ ତ୍ରୁଟିକୁ ଛାଡିଦେଲେ କଣ୍ଟାପଡ଼ା ବ୍ଲକ ଅଞ୍ଚଳରେ ଶାନ୍ତିଶୃଙ୍ଖଳାର ସହିତ ମତଦାନ ସମ୍ପନ୍ନ ହୋଇଛି। ବାଗଲପୁର ପଞ୍ଚାୟତ ପିଙ୍ଗାପଡ଼ା ପ୍ରାଥମିକ ବିଦ୍ୟାଳୟରେ ପୂର୍ବାହ୍ନରେ ଠିକ୍ ସମୟରେ ମତଦାନ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ସକାଳ ୮ରୁ ୯ଟା ପର୍ଯ୍ୟନ୍ତ ଇଭିଏମ ମେସିନରେ ତ୍ରୁଟି ଦେଖାଦେଇଥିଲା। ପରେ ଅନ୍ୟ ଏକ ମେସିନ ବଦଳାଯାଇ ମତଦାନ କରାଯାଇଥିଲା। ଅପରାହ୍ନରେ ଗୋବିନ୍ଦପୁର ଥାନା ଗୋବିନ୍ଦପୁର ପଞ୍ଚାୟତ ମଜୁରାଇ ଗ୍ରାମର ୫୪ନଂ ବୁଥରେ ନିର୍ବାଚନ କାର୍ଯ୍ୟରେ ଏଜେଣ୍ଟ ଭାବେ କାର୍ଯ୍ୟ କରୁଥିବା ଦୁଇ ରାଜନୈତିକ ଦଳର ଏଜେଣ୍ଟଙ୍କ ମଧ୍ୟରେ ନିର୍ଦ୍ଦିଷ୍ଟ ଚିହ୍ନରେ ଭୋଟ ଦେବା ଘଟଣାକୁ ନେଇ ପ୍ରଥମେ ଯୁକ୍ତିତର୍କ ଓ ପରେ ମାଡ ମରାମରି ହେବାରୁ ମଜୁରାଇ ଗ୍ରାମର ଦୁଇଜଣ ବ୍ୟକ୍ତିଙ୍କ ମୁଣ୍ଡ ଫାଟିଥିବାବେଳେ ଅନ୍ୟ ଜଣଙ୍କର ଆଖି ପତା ଉପର ଫାଟି ସମୁଦାୟ ୩ ଜଣ ଆହତ ହୋଇଛନ୍ତି। ଘଟଣାସ୍ଥଳରେ ଉପସ୍ଥିତ ଥିବା ଗୋବିନ୍ଦପୁର ପୁଲିସ ଆହତଙ୍କୁ ଅଡଶପୁର ଗୋଷ୍ଠୀ ସ୍ୱାସ୍ଥକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ଏ ନେଇ ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଘଟଣା ସମ୍ପର୍କରେ ଥାନାରେ କୌଣସି ଲିଖିତ ଅଭିଯୋଗ ଦାୟର ହୋଇ ନ ଥିବା ସୂଚନା ମିଳିଛି। ସେହିପରି ସନ୍ଧ୍ୟା ୭.୩୦ ପର୍ଯ୍ୟନ୍ତ ବାଗଲପୁର, ଦାମୋଦରପୁର, ବାଇରୋଇ ପ୍ରଭୃତି ବୁଥ ମାନଙ୍କରେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ମତଦାନ ପ୍ରକ୍ରିୟା ଜାରି ରହିଥିବା ଦେଖିବାକୁ ମିଳିଛି।

### ନିଆଳି, ବାରଙ୍ଗ ବ୍ଲକ୍‌ରେ ୭୦% ମତଦାନ



ଫୁଲନଖରା, ୧।୬(ସମିସ): ଓଡ଼ିଶାରେ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ଅବସରରେ ନିଆଳି ସଂରକ୍ଷିତ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାରଙ୍ଗ ବ୍ଲକ ୩୩ନଂ ଜୋନ୍‌ରେ ଶାନ୍ତିଶୃଙ୍ଖଳା ସହିତ ମତଦାନ ଶେଷ ହୋଇଛି। ଉକ୍ତ ଜୋନ୍ ଅନ୍ତର୍ଗତ ୮ଟି ପଞ୍ଚାୟତର ୪୭ଟି ବୁଥ୍‌ରେ ପ୍ରାୟ ୭୦ ପ୍ରତିଶତ ମତଦାନ ହୋଇଥିବା ସୂଚନା ମିଳିଛି। ପ୍ରତ୍ୟେକ ବୁଥରେ ସକାଳ ୬ ଘଟିକା ସମୟରୁ ମତଦାତାମାନଙ୍କର ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ଅପରାହ୍ନ ସମୟରେ ପ୍ରାୟ ବୁଥ୍ ଗୁଡ଼ିକରେ ଭୋଟରମାନଙ୍କୁ ଦେଖିବାକୁ ମିଳି ନ ଥିଲା। ୪୭ଟି ବୁଥ୍ ମଧ୍ୟରୁ ୪ଟି ଇକୋ ଫ୍ରେଣ୍ଡଲି ଓ ୨ଟି ୟଙ୍ଗ୍ ମ୍ୟାନେଜ୍‌ମେଣ୍ଟ ବୁଥ୍ ରହିଥିଲା। ପ୍ରତ୍ୟେକ ବୁଥରେ ଠିକ୍ ସମୟରେ ମତଦାନ ଆରମ୍ଭ ହୋଇଥିବା ବେଳେ ସାଇଁଶୋ ଗ୍ରାମପଞ୍ଚାୟତର ୪୦ନଂ ବୁଥ୍‌ରେ ଇଭିଏମ୍ ମେସିନ୍‌ର ଯାନ୍ତ୍ରିକ ତ୍ରୁଟି ଯୋଗୁ ୧ଘଣ୍ଟା ବିଳମ୍ବରେ ମତଦାନ ଆରମ୍ଭ ହୋଇଥିଲା। ଯାହାଫଳରେ ଲାଇନ୍‌ରେ ଥିବା ଭୋଟରମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ପ୍ରତ୍ୟେକ ବୁଥ୍‌ରେ ଆଶାକର୍ମୀଙ୍କ ଦ୍ୱାରା ଥଣ୍ଡା ଜଳ, ଦହି ପାଣି ଏବଂ ଓଆରଏସ୍ ବଣ୍ଟନର ସୁବ୍ୟବସ୍ଥା କରାଯାଇଥିଲା। ଏତଦ୍ ବ୍ୟତୀତ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ସେବା କାର୍ଯ୍ୟରେ ନିୟୋଜିତ କରାଯାଇଥିଲା। ଦିବ୍ୟାଙ୍ଗ, ବରିଷ୍ଠ ନାଗରିକ ଓ ଅସୁସ୍ଥ ମତଦାତାଙ୍କୁ ସେବା କାର୍ଯ୍ୟରେ ନିୟୋଜିତ ଛାତ୍ରଛାତ୍ରୀମାନେ ତିନିଚକିଆ ରିକ୍ସାରେ ମତଦାନ କେନ୍ଦ୍ରକୁ ନବା ଆଣିବା କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା କରିବାରେ କଟକ ସଦର ଥାନା ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯିବା ସହ ସିଆର୍‌ପିଏଫ୍ ମହିଳା ଯବାନଙ୍କୁ ମଧ୍ୟ ନିୟୋଜିତ କରାଯାଇଥିଲା।

**ସାଇଁଶୋ ପଞ୍ଚାୟତ ୪୦ନଂ ବୁଥ୍‌ରେ ଇଭିଏମରେ ଯାନ୍ତ୍ରିକ ତ୍ରୁଟି**

**୧ ଘଣ୍ଟା ବିଳମ୍ବରେ ମତଦାନ ଆରମ୍ଭ**

### ବିଭିନ୍ନ ସ୍ଥାନରେ ନିର୍ବାଚନୀ ଗଣ୍ଡଗୋଳ



ମାହାଙ୍ଗା, ୧।୬(ସମିସ): ମାହାଙ୍ଗା ଓ ଭଦ୍ରେଶ୍ୱର ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଆଜି ସାଧାରଣ ନିର୍ବାଚନ ଚାଲିଥିବାବେଳେ ଗଣ୍ଡଗୋଳ ହୋଇଥିବା ଜଣାଯାଇଛି। ପ୍ରକାଶ ଯେ, ମାହାଙ୍ଗା ଥାନା ପଣସପୁର ପଞ୍ଚାୟତ ବୁଥ ନଂ ୮୮ରେ ବୁଥ ବାହାରେ ଗଣ୍ଡଗୋଳ ହୋଇଥିଲା। ଅଭିଯୋଗ ଅନୁଯାୟୀ ନଡିଆସାହାସପୁର ଗ୍ରାମର ବିକାଶ ରଞ୍ଜନ ମହାନ୍ତି ଏବଂ ତାଙ୍କ ପତ୍ନୀ ସସ୍ମିତା ମହାନ୍ତି ଭୋଟ ଦେବାକୁ ଆସିଥିଲେ। ତେବେ ଭୋଟ କେନ୍ଦ୍ର ପାଖରେ ବିକାଶ ଏବଂ ପତ୍ନୀଙ୍କୁ ପଣସପୁର ଗ୍ରାମର ପ୍ରିୟବ୍ରତ ରାଉତରାୟ ଏକ ନିର୍ଦ୍ଦିଷ୍ଟ ଦଳକୁ ଭୋଟ ଦେବାକୁ କହି ଏକ ହଜାର ଟଙ୍କା ନିଅ ବୋଲି କହିଥିଲେ। ସେ ଏହାକୁ ବିରୋଧ କରିବାରୁ ହଠାତ୍ ପ୍ରିୟବ୍ରତ ଅଶାଳୀନ ବ୍ୟବହାର କରିବା ସହ ଧମକ ଦେବା ସହ ପାଖର ରଖିଥିବା ଏକ ଭୁଜାଲିରେ ବିକାଶ ବାମ ପାଖ ଆଖି ପତାରେ ଆକ୍ରମଣ କରି ସେଠାରୁ ଫେରାର ହୋଇଯାଇଥିଲେ। ଏ ନେଇ ବିକାଶ ମାହାଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେହିପରି କୁମୁଡାଜୟପୁର ଫାଣ୍ଡି ଅଧୀନ କୁଣ୍ଠି ପଞ୍ଚାୟତ ୪୪ନଂ ବୁଥରେ ଫଟୋ ଉଠାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିବା ଜଣାଯାଇଛି। ସେହିପରି ଜଳେଶ୍ୱରପୁର ୭୦ନଂ ବୁଥ ବାହାରେ ଦୁଇ ଗୋଷ୍ଠୀ ମଧ୍ୟରେ ହୋହାଲ୍ଲା ଓ ପାଟିତୁଣ୍ଡ ହୋଇଥିବା ଜଣାଯାଇଛି। ସେହିପରି ଭଦ୍ରେଶ୍ୱର ଥାନା ଅଧୀନ ହଳଦିଆ ପଞ୍ଚାୟତ ଓଳକଣାରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟି ଆହାତ ହୋଇଥିବା ଜଣାଯାଇଛି। ସେହିପିରି ନାହାଙ୍ଗ ପଞ୍ଚାୟତ ଗୌଡଗୋପ, ବାଲିପଡ଼ା, ପାଇକରାପୁର ପଞ୍ଚାୟତ କୁସୁନପୁର, ଭଭଁରିଆ ପଞ୍ଚାୟତ ପଦ୍ଦରବାଟିଆ ଆଦି ସ୍ଥାନରେ ଗଣ୍ଡଗୋଳ ହୋଇଥିବା ଜଣାଯାଇଛି।

### ସନ୍ଧ୍ୟା ୫ଟା ସୁଦ୍ଧା ସାଲେପୁରରେ ୬୯.୩୨% ମତଦାନ





**୧୨ଟି କେନ୍ଦ୍ରରେ ସନ୍ଧ୍ୟା ୭.୩୦ମି ପର୍ଯ୍ୟନ୍ତ ଚାଲିଥିଲା ମତଦାନ**

ସାଲେପୁର, ୧।୬(ସମିସ): ଆଜି ସାଲେପୁର ବ୍ଲକର ୧୭୧ଟି ଭୋଟଗ୍ରହଣ କେନ୍ଦ୍ରରେ ନିର୍ଦ୍ଧାରିତ ସମୟରେ ଭୋଟଗ୍ରହଣ କରାଯାଇଥିଲା। ରୋଧପୁର ଭୋଟଗ୍ରହଣ କେନ୍ଦ୍ରରେ ଭିଭିପ୍ୟାଟ୍‌ରେ ତ୍ରୁଟି ପରିଲକ୍ଷିତ ହେବାରୁ ପ୍ରାୟ ୩୦ମିନିଟ୍ ବିଳମ୍ବରେ ସେଠାରେ ଭୋଟଗ୍ରହଣ ଆରମ୍ଭ ହୋଇଥିଲା। ସେହିପରି ବହୁ ସ୍ଥାନରେ ମଧ୍ୟ ଇଭିଏମ୍‌ରେ ତ୍ରୁଟି ପରିଲକ୍ଷିତ ହୋଇଥିବାରୁ ଏକାଧିକ ସ୍ଥାନରେ ବିଳମ୍ବରେ ଭୋଟଗ୍ରହଣ କାର୍ଯ୍ୟ ଆରମ୍ଭ ହୋଇଥିବାରୁ ଭୋଟରମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଅପରପକ୍ଷରେ ଭୋଟଗ୍ରହଣ କେନ୍ଦ୍ରରେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିବାବେଳେ ଆଇନ୍ ଶୃଙ୍ଖଳା ରକ୍ଷା ପାଇଁ ସଶସ୍ତ୍ର ପୁଲିସ ମୁତୟନ କରାଯାଇଥିଲା। ସେହିପରି ସାଲେପୁର ବ୍ଲକର ଚନ୍ଦ୍ରାଦେଇପୁରରେ ୨ଟି ଓ ମାଛୁଆତିରେ ୨ଟି ସଖି ବୁଥ୍ କରାଯାଇଥିଲା। ଏହି ବୁଥ୍‌ରେ ଅଧିକ ସଂଖ୍ୟକ ମହିଳା ଭୋଟରମାନେ ଭୋଟ ଦେଉଥିବା ଦେଖିବାକୁ ମିଳିଥିଲା। ସେହିପରି ଦିବ୍ୟାଙ୍ଗ ଲୋକଙ୍କ ପାଇଁ ସମସ୍ତ ଭୋଟଗ୍ରହଣ କେନ୍ଦ୍ରରେ ହୁଇଲ୍ ଚେୟାରର ବ୍ୟବସ୍ଥା କରଯାଇଥିବାବେଳେ ସେମାନେ କିଭଳି ସୁରୁଖୁରୁରେ ଭୋଟଦେବେ ସେ ନେଇ ପ୍ରଶାସନ ପକ୍ଷରୁ ଗୋଟିଏ ବୁଥ୍ ପାଇଁ ୨ଜଣ ଭଲ୍ୟୁଣ୍ଟିଅର ବ୍ୟବସ୍ଥା କରାଯାଇଥିଲା। ସାଲେପୁର ବ୍ଲକରେ ସନ୍ଧ୍ୟା ୫ଟା ସୁଦ୍ଧା ମୋଟ୍ ୧ଲକ୍ଷ ୬୭ ହଜାର ୯୪୪ଭୋଟରଙ୍କ ମଧ୍ୟରୁ ୧ଲକ୍ଷ ୧୬ହଜାର ୪୨୬ ଜଣ ମତ ସାବ୍ୟସ୍ତ କରିଥିବା ଯାହାକି ୬୯.୩୨ପ୍ରତିଶତ ମତଦାନ ହୋଇଥିବା ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ ସୂତ୍ରରୁ ଜଣାଯାଇଛି। ବିଭିନ୍ନ ବୁଥ୍‌ମାନଙ୍କରେ ଭୋଟ ଦେବା ପାଇଁ ଲୋକମାନେ ଲାଇନ୍ ଲଗାଇ ଛିଡା ହୋଇଥିବା ଦେଖିବାକୁ ମିଳିଥିଲା। ସେହିପରି ସନ୍ଧ୍ୟା ୭.୩୦ମି. ସୁଦ୍ଧା ସାଲେପୁର ବ୍ଲକର ୧୭୧ଟି ବୁଥ୍ ମଧ୍ୟରୁ ୧୨ଟି ବୁଥ୍‌ରେ ମତଦାନ ଚାଲୁରହିଥିବା ଜଣାଯାଇଛି।

### ମାହାଙ୍ଗାରେ ଶେଷ ହେଲା ମତଦାନ



ମାହାଙ୍ଗା, ୧।୬(ସମିସ)

ଆଜି ଗଣତନ୍ତ୍ରର ମହାନ ପର୍ବ ଅନ୍ତିମ ଦିବସ ବା ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଯାଇଛି। ଏହି ଚତୁର୍ଥ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଥିବାବେଳେ ବହୁ ମତଦାନ କେନ୍ଦ୍ରରେ ଇଭିଏମ ମେସିନ ତ୍ରୁଟି ଯୋଗୁ ବିଳମ୍ବରେ ନିର୍ବାଚନ ପ୍ରକ୍ରିୟା ଚାଲୁ ହୋଇଥିଲା ତେବେ ପରବର୍ତ୍ତୀ ସମୟରେ ତ୍ରୁଟି ଥିବା ଇଭିଏମ ମେସିନକୁ ସଚଳ କରାଯାଇ ମତଦାନ କରାଯାଇଛି। ଇଭିଏମ ଅଚଳ ଯୋଗୁ ବିଳମ୍ବରେ ମତଦାନ ଆରମ୍ଭ ହୋଇଥିବାରୁ କେତେକ ମତଦାନ କେନ୍ଦ୍ରରେ ଅସନ୍ତୋଷ ପ୍ରକାଶ ପାଇବା ସହ ମତଦାତାମାନେ ହୋହାଲ୍ଲା କରିଥିଲେ। ମାହାଙ୍ଗା ନିର୍ବାଚନ ମଣ୍ଡଳୀର ୩୦୯ ବୁଥରେ ମତଦାନ ହୋଇଥିବାବେଳେ ମାହାଙ୍ଗା ବ୍ଲକର ୩୭ଟି ପଞ୍ଚାୟତର ୧୮୫ ବୁଥରେ ସକାଳ ୭ଟାରେ ମତଦାନ ଆରମ୍ଭ ହୋଇଥିଲା। ଏଥିରେ ମତଦାନ ନିମନ୍ତେ ୩୯ଟି ମଡେଲ ବୁଥ କରାଯାଇଥିବାବେଳେ ମହିଳାଙ୍କ ନିମନ୍ତେ ୧୪ଟି ସଖି ବୁଥ କରାଯାଇଥିଲା। ସନ୍ଧ୍ୟା ସୁଦ୍ଧା ୧୪୦ରୁ ଊର୍ଦ୍ଧ୍ୱ ବୁଥରେ ନିର୍ବାଚନ ପ୍ରକ୍ରିୟା ଶେଷ ହୋଇଥିବାବେଳେ ଇଭିଏମ ଅଚଳ ଯୋଗୁ ୪୦ରୁ ଊର୍ଦ୍ଧ୍ୱ କେନ୍ଦ୍ରରେ ମତଦାନ ଚାଲୁ ରହିଛି। ବ୍ଲକ ପ୍ରଶାସନ ପକ୍ଷରୁ ସମସ୍ତ ମତଦାନ କେନ୍ଦ୍ରରେ ମତଦାତାଙ୍କ ପାଇଁ ବିଶ୍ରାମସ୍ଥଳ ଓ ପାନୀୟଜଳ ବ୍ୟବସ୍ଥା କରାଯାଇଥିଲା। ଏଥି ସହ ବୃଦ୍ଧବୃଦ୍ଧା ଓ ଦିବ୍ୟାଙ୍ଗ ମତଦାତାଙ୍କ ପାଇଁ ସ୍ୱତନ୍ତ୍ର ହୁଇଲ ଚେୟାରର ବ୍ୟବସ୍ଥା କରାଯାଇଥିଲା। ପ୍ରତ୍ୟେକ କେନ୍ଦ୍ରରେ ପୁଲିସର କଡା ସୁରକ୍ଷା ବଳୟ ମଧ୍ୟରେ ମତଦାନ ଅନୁଷ୍ଠିତ ହୋଇଥିବାବେଳେ କେନ୍ଦ୍ର ବାହାରେ କାଁ ଭାଁ ଗଣ୍ଡଗୋଳ ହୋଇଥିଲା। ମାହାଙ୍ଗା ପୁଲିସ ପ୍ରଶାସନ ପକ୍ଷରୁ ୧୨ଟି ପୁଲିସ ମୋବାଇଲ ଟିମ, ୨ କମ୍ପାନୀ ପୁଲିସ ଫୋର୍ସ ଓ ଭଦ୍ରେଶ୍ୱର ଥାନା ପକ୍ଷରୁ ୪ଟି ପୁଲିସ ମୋବାଇଲ ଟିମ, ୧ଟି କମ୍ପାନୀ ପୁଲିସ ଫୋର୍ସ ସାହାଯ୍ୟରେ ସମସ୍ତ ମତଦାନ କେନ୍ଦ୍ରରେ ଆଇନଶୃଙ୍ଖଳା ରକ୍ଷା କରିଥିଲେ। ଏହି ନିର୍ବାଚନରେ ବିଧାୟକ ପ୍ରତାପ ଜେନା, ବିଜେଡି ବିଧାୟକ ପ୍ରାର୍ଥୀ ଅଙ୍କିତ ପ୍ରତାପ ଜେନା ନିଜ ପଞ୍ଚାୟତ ଜଳେଶ୍ୱରପୁରର ଅଳିଯୋଡା ଗ୍ରାମଦେବତୀ ପୀଠ ଓ ବଣୁଆ ମହାପୁରୁଷ ପୀଠରେ ପୂଜାର୍ଚ୍ଚନା କରି ୭୩ନଂ ବୁଥରେ ନିଜ ପରିବାରଙ୍କ ସହ ଧାଡିରେ ଠିଆ ହୋଇ ମତଦାନ କରିଥିଲ। ସେହିପରି ୱାର୍ଡ କଂଗ୍ରେସ ବିଧାୟକ ପ୍ରାର୍ଥୀ ଦେବେନ୍ଦ୍ର କୁମାର ସାହୁ ଓଳକଣା ବୁଥରେ, ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଶାରଦା ପ୍ରଧାନ ପୋଡାମରାଇ ବୁଥରେ ଓ ବିଜେପି ବିଧାୟକ ପ୍ରାର୍ଥୀ ସୁମନ୍ତ ଘଡେଇ ଗୋକନ ବୁଥରେ ନିଜ ସପକ୍ଷରେ ମତଦାନ କରିଥିଲେ। ସେହିପରି ଅନ୍ୟ ୯ ଜଣ ବିଧାୟକ ପ୍ରାର୍ଥୀ ନିଜ ନିଜ ବୁଥରେ ଉପସ୍ଥିତ ହୋଇ ନିଜ ସପକ୍ଷରେ ମତଦାନ କରିଥିଲେ।

### ସାଲେପୁରରେ ନିର୍ବାଚନୀ ହିଂସା; ଦୁଇ ଆହତ



କଟକ, ୧।୬(ସମିସ)

ଆଜି ସାଲେପୁର ମାଳଶାସନ ପଞ୍ଚାୟତର ବୁଥ ନମ୍ବର ୧୮୩ ଓ ୧୮୫ରେ ଭୋଟ ଗ୍ରହଣ ଚାଲିଥିବା ବେଳେ ବିଜେପି ବିଧାୟକ ପ୍ରାର୍ଥୀ ଅରିନ୍ଦମ ରାୟ ନିର୍ବାଚନ ଏଜେଣ୍ଟ ସଞ୍ଜୟ ରାଉତ ଓ ଅନ୍ୟ କେତେକ ବିଜେପି କର୍ମୀ ସେଠାକୁ ଯାଇଥିଲେ। ବୁଥ ମଧ୍ୟରେ ବହୁ ସଂଖ୍ୟକ ଲୋକ ଥିବାର ଦେଖି ପ୍ରତିବାଦ କରିବାରୁ ସେଠାରେ ଥିବା ଗ୍ରାମର କିଛି ଲୋକ ତାଙ୍କୁ ଆକ୍ରମଣ କରିଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ଏହି ଆକ୍ରମଣରେ ଶ୍ରୀ ରାଉତ ଓ ବିଜେପି କର୍ମୀ ଅଭିଷେକ ପଣ୍ଡା ଆହତ ହୋଇଛନ୍ତି। ଏ ନେଇ ସାଲେପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ସେହିପରି ଏକ ନିର୍ଦ୍ଦିଷ୍ଟ ଦଳର କର୍ମୀ ବୁଥ କ୍ୟାପଚର୍ କରିଥିବାର ବିଜେପି ପ୍ରାର୍ଥୀ ଅରିନ୍ଦମ ରାୟ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଆଜି ରୋଧପୁର ବୁଥରେ ଭୋଟିଂ ଚାଲିଥିବା ବେଳେ କଂଗ୍ରେସ ପ୍ରାର୍ଥୀ ଆକ୍ୟୁବ ଖାନ୍‌ଙ୍କ ସମର୍ଥକ ପଶି ବିଶୃଙ୍ଖଳା କରୁଥିବାରୁ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିବା ଜଣାପଡ଼ିଛି।



ଭୋଟ ଦେଲେ ବିଭିନ୍ନ ଦଳର ହେଭିୱେଟ ନେତା ଓ ପ୍ରାର୍ଥୀ

### ନିଆଳିରେ ଅପରାହ୍ନ ୫ଟା ସୁଦ୍ଧା ୬୫ ପ୍ରତିଶତ ମତଦାନ

ନିଆଳି, ୧।୬(ସମିସ): ରାଜ୍ୟରେ ଚତୁର୍ଥ ତଥା ଶେଷ ପର୍ଯ୍ୟାୟ ଜୁନ୍ ୧ ତାରିଖରେ ନିର୍ବାଚନ ହୋଇଥିବା ବେଳେ ଏଥିରେ ନିଆଳି ବିଧାନସଭା ଓ ଜଗତ୍‌ସିଂହପୁର ଲୋକସଭା ଆସନ ପାଇଁ ନିର୍ବାଚନ ହୋଇଛି। ଅପରାହ୍ନ ୫ଟା ସୁଦ୍ଧା ନିଆଳି ବ୍ଲକରେ ଶତକଡ଼ା ୬୫ ପ୍ରତିଶତ ମତଦାନ ହୋଇଥିବା ଜଣାଯାଇଛି। ସକାଳ ୭ଟାରୁ ଭୋଟ ଆରମ୍ଭ ହୋଇଥିବା ବେଳେ ବିଭିନ୍ନ ବୁଥ୍‌ରେ ଭୋଟରଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳିଥିଲା। ନିଆଳି ବ୍ଲକରେ ମୋଟ ୧୪୪ଟି ମତଦାନ କେନ୍ଦ୍ର ରହିଥିବା ବେଳେ ସେଥିମଧ୍ୟରୁ ୮୦ଟି ମତଦାନ କେନ୍ଦ୍ରରେ ସିସି କ୍ୟାମେରା ଲାଗିଥିଲା। ନିଆଳି ନୂଆଗାଁ ଓ ମାଧବ ପଞ୍ଚାୟତର କେତେକ ବୁଥ୍‌ରେ ଇଭିଏମ୍ ମେସିନ୍ ତ୍ରୁଟି ଯୋଗୁଁ ବିଳମ୍ବରେ ଭୋଟ ଗ୍ରହଣ କରାଯାଇଥିଲା। ଶାନ୍ତିପୂର୍ଣ୍ଣ ଭାବେ ଭୋଟ ଗ୍ରହଣ ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ବେଳେ କେତେକ ବୁଥ୍‌ରେ ରାତି ୭.୩୦ ପର୍ଯ୍ୟନ୍ତ ବୁଥ୍ ଭିତରେ ଥିବା ଭୋଟରମାନେ ମତଦାନ କରୁଥିବା ଜଣାଯାଇଛି।

### ନିଶ୍ଚିନ୍ତକୋଇଲି ବ୍ଲକ୍‌ରେ ୭୫% ମତଦାନ



ନିଶ୍ଚିନ୍ତକୋଇଲି, ୧।୬(ସମିସ)

**୧୨୪ ବୁଥରେ ଲୋକଙ୍କ ମଧ୍ୟରେ ଜୋରଦାର ଉତ୍ସାହ**

ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକର ୨୭ଟି ପଞ୍ଚାୟତରେ ହୋଇଥିବା ୧୨୪ଟି ବୁଥରେ ଶୃଙ୍ଖଳିତ ଭାବେ ଭୋଟ ଗ୍ରହଣ କରାଯାଇଛି। ଭୋଟ ଆରମ୍ଭ ବେଳେ କୋହଲା ପାଗ ରହିଥିବାରୁ ଭୋଟରମାନେ ଉତ୍ସାହିତ ହୋଇ ଭୋଟ ଦେବା ପାଇଁ ବୁଥ୍ ପାଖରେ ବହୁ ଭିଡ଼ ଜମାଇଥିଲେ। ଏହି ବ୍ଲକ ଅଞ୍ଚଳରେ ହାରାହାରି ୭୫% ମତଦାନ ହୋଇଥିବା ଦେଖାଯାଇଛି। ସନ୍ଧ୍ୟା ୬ଟା ସୁଦ୍ଧା ଶତକଡ଼ା ୮୦ ଭାଗ ବୁଥରେ ଭୋଟ ଗ୍ରହଣ ଶେଷ ହୋଇଥିବା ବେଳେ ୨୦ଭାଗ ବୁଥରେ ବିଳମ୍ବିତ ସମୟ ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯାଇଥିଲା। ଏହି ବ୍ଲକ ଅଞ୍ଚଳରେ ଆଦର୍ଶ ବୁଥ୍ ଓ ସଖୀ ବୁଥ୍ ଗୁଡ଼ିକରେ ଭୋଟରମାନଙ୍କ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିବା ବେଳେ ବହୁ ସାଧାରଣ ବୁଥରେ ପାନୀୟଜଳ ଓ ଛାମୁଡ଼ିଆ ହୋଇ ନ ଥିବାରୁ ଭୋଟରମାନେ ହଇରାଣ ହୋଇଥିଲେ। ଭୋଟ ଦେବା ପାଇଁ ଆସିଥିବା ଭୋଟରମାନେ ଖରାରେ ଧାଡ଼ିରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିଥିବା ବେଳେ ପିଇବା ପାଣି ଟୋପାଏ ନ ପାଇ ବହୁ ହନ୍ତସନ୍ତ ହୋଇଥିଲେ। ଛାମୁଡ଼ିଆ ଓ ପାନୀୟଜଳର ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ପ୍ରଶାସନର ଅବହେଳା ଯୋଗୁଁ କେତେକ ବୁଥ୍‌ରେ ଏହି ବ୍ୟବସ୍ଥା କରାଯାଇ ନ ଥିବାରୁ ଭୋଟରଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ବ୍ଲକ ବିଡିଓ, ସେକ୍ଟର ଅଫିସର ଏବଂ ଅନ୍ୟାନ୍ୟ ଅଧିକାରୀମାନେ ବୁଥ୍ ଗୁଡ଼ିକୁ ପରିଦର୍ଶନ କରୁଥିଲା ବେଳେ ଭୋଟରମାନେ ଏ ସଂକ୍ରାନ୍ତରେ ଅଭିଯୋଗ କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରି ନ ଥିବା ଦେଖା ଯାଇଥିଲା। କାଁ ଭାଁ ବୁଥରେ ପାଟିତୁଣ୍ଡ ଓ ଛୋଟ ମୋଟ ଗଣ୍ଡଗୋଳ ହୋଇଥିଲେ ମଧ୍ୟ ଥାନାରେ କୌଣସି ଅଭିଯୋଗ ନ ଥିବା ଜଣାଯାଇଛି।

### ଧାଡ଼ିରେ ଛିଡ଼ା ହୋଇ ଭୋଟ ଦେଲେ ଚନ୍ଦ୍ରସାରଥୀ



ସାଲେପୁର, ୧।୬(ସମିସ): ଆଜି ଗଣତନ୍ତ୍ରର ମହାନ ପର୍ବରେ ସାମିଲ ହୋଇଛନ୍ତି କଟକ ସଦର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରା ଓ ସାଲେପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷା ପ୍ରମିଳା ବେହେରା। ସାଲେପୁରରେ ଆଜି କଟକ ସଦର ବିଧାୟକ ଚନ୍ଦ୍ରସାରଥୀ ବେହେରା ତାଙ୍କ ମା’ ଓ ସାନଭାଇଙ୍କ ସହିତ ସକାଳ ପ୍ରାୟ ୧୧ଟା ସମୟରେ ରୋଧପୁର ବୁଥ୍‌ରେ ପହଞ୍ଚି ସାଧାରଣ ଲୋକଙ୍କ ଭଳି ଧାଡ଼ିରେ ଠିଆ ହୋଇ ନିଜର ମତ ସାବ୍ୟସ୍ତ କରିଥିଲେ। ଶ୍ରୀ ବେହେରା ସାଧାରଣ ଲୋକଙ୍କ ଭଳି ଧାଡ଼ିରେ ଛିଡ଼ା ହୋଇ ସପରିବାର ଭୋଟ ଦେଇଥିବା ଦେଖିବାକୁ ମିଳିଛି। ଏଠାରେ ପ୍ରକାଶଯୋଗ୍ୟ ଯେ ପୂର୍ବରୁ ସାଲେପୁର ନିର୍ବାଚନ ମଣ୍ଡଳୀର ବିଧାୟକ ଭାବେ ନିର୍ବାଚିତ ହୋଇ ଏହି ଅଞ୍ଚଳର ବହୁ ବିକାଶମୂଳକ କାର୍ଯ୍ୟ କରିଥିବାରୁ ଆଜି ଭୋଟ ଗ୍ରହଣ କେନ୍ଦ୍ରରେ ବିଧାୟକଙ୍କୁ ଭୋଟରମାନେ ଦେଖି ଉତ୍ସାହିତ ହୋଇଥିଲେ। ବିଧାୟକ ମଧ୍ୟ ନିଜର ପୁରୁଣା ଭୋଟରଙ୍କୁ ଦେଖି ସେମାନଙ୍କର ସମସ୍ୟା ସମ୍ପର୍କରେ ପଚାରି ବୁଝିଥିବାର ଦେଖିବାକୁ ମିଳିଥିଲା।

## ପୁରୀ ବାଣ ବିସ୍ଫୋରଣ ଘଟଣା

# ଏସ୍‌ସିବିରେ ଆଖି ବୁଜିଲେ ଶଙ୍କର ଓ ଦିବ୍ୟରଞ୍ଜନ

**କଟକ, ୧।୬(ସମିସ)**

ପୁରୀ ନରେନ୍ଦ୍ର ପୁଷ୍କରିଣୀ ନିକଟରେ ଘଟିଥିବା ବାଣ ବିସ୍ଫୋରଣରେ ଗୁରୁତର ଭାବେ ଆହତ ହୋଇ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ଦୁଇ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହୟ ହେଲେ ଶଙ୍କର ବେହେରା ଓ ଦିବ୍ୟରଞ୍ଜନ ସାହୁ। ଉଭୟ ପ୍ଲାଷ୍ଟିକ ସର୍ଜରୀ ଆଇସିୟୁରେ ଚିକିତ୍ସିତ ହେଉଥିଲେ। ୩୮ ବର୍ଷୀୟ ଶଙ୍କରଙ୍କ ଘର ପୁରୀ ଅରଖକୁଦ ଅଞ୍ଚଳରେ। ଶୁକ୍ରବାର ବିଳମ୍ବିତ ରାତିରେ ଚିକିତ୍ସାଧିନ ଅବସ୍ଥାରେ ଶଙ୍କର ସବୁଦିନ ପାଇଁ ଆଖି ବୁଜିଥିଲେ। ଶବ ବ୍ୟବଚ୍ଛେଦ ପରେ ଶନିବାର ତାଙ୍କ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ତେବେ ଶନିବାର ରାତିରେ ୩୫ବର୍ଷୀୟ ଦିବ୍ୟରଞ୍ଜନଙ୍କ ମୃତ୍ୟୁ ଘଟିଥିଲା। ଦିବ୍ୟରଞ୍ଜନଙ୍କୁ ଏସ୍‌ସିବି ମେଡିକାଲ ଅଣାଯିବା ବେଳେ ତାଙ୍କ ଘର ପୁରୀ ୧୪ନ ପିତାଙ୍କ ନାମ ଦୁଷ୍ମନ୍ତ ସାହୁ ବୋଲି ପଞ୍ଜୀକରଣ ତାଲିକାରେ ଉଲ୍ଲେଖ କରାଯାଇଛି। ଆମ୍ବୁଲାନ୍ସ ଡ୍ରାଇଭରଙ୍କ ସୂଚନା ମୁତାବକ ମୃତ ଦିବ୍ୟରଞ୍ଜନଙ୍କର ଏହି ପରିଚୟ ମିଳିଛି। ଏହା ବ୍ୟତୀତ ଏସ୍‌ସିବି କର୍ତ୍ତୃପକ୍ଷଙ୍କ ନିକଟରେ ଅନ୍ୟ କୌଣସି ତଥ୍ୟ ନାହିଁ। ଏପରିକି ମେଡିକାଲରେ ଭର୍ତ୍ତି ହେବା ପରଠାରୁ କୌଣସି ପରିବାର ଲୋକେ କିମ୍ବା ସମ୍ପର୍କୀୟ ଏସ୍‌ସିବି ଆସିନାହାନ୍ତି। ଏଭଳି ସ୍ଥଳେ ଏସ୍‌ସିବି କର୍ତ୍ତୃପକ୍ଷ ଏ ବାବଦରେ ପୁରୀ ପ୍ରଶାସନକୁ ଅବଗତ କରିଛନ୍ତି।

ଗତ ବୁଧବାର ପୁରୀ ନରେନ୍ଦ୍ର ପୁଷ୍କରିଣୀ ନିକଟରେ ବାଣ ବିସ୍ଫୋରଣ ଘଟିଥିଲା। ମୋଟ୍ ୮ ଜଣଙ୍କୁ କଟକ ବଡ ମେଡିକାଲ ଅଣାଯାଇଥିଲା। ୧୫ବର୍ଷର ବାଳକ ଋଷିକେଶ କର୍ମୀକରଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲ ଅଣାଯାଇଥିଲେ ସୁଦ୍ଧା ଏଠାରେ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ଘଟି ସାରିଥିଲା। ମେଡିକାଲରେ ୭ଜଣଙ୍କ ଚିକିତ୍ସା ଚାଲିଥିବା ବେଳେ ୨୪ ଘଣ୍ଟା ବ୍ୟବଧାନରେ ଦୁଇଜଣଙ୍କ ମୃତ୍ୟୁ ହୋଇଛି। ଏବେ ଆଉ ୫ଜଣ ଚିକିତ୍ସିତ ହେଉଛନ୍ତି। ୧୫ବର୍ଷର ବାଳକ ନାରାୟଣ ବେହେରା ୨୫ ପ୍ରତିଶତ ପୋଡ଼ି ହୋଇଥିବା ବେଳେ ତାଙ୍କୁ ପ୍ଲାଷ୍ଟିକ ସର୍ଜରୀ ଆଇସିୟୁରେ ରଖାଯାଇଛି। ୧୪ବର୍ଷର ରାହୁଲ ବେହେରାଙ୍କ ଶରୀରର ୬୫ ପ୍ରତିଶତ ପୋଡ଼ି ହୋଇଛି। ସେ ମଧ୍ୟ ଆଇସିୟୁରେ ଅଛନ୍ତି। ୧୫ବର୍ଷର ବାଳକ ବଳରାମ ଦାସ ସର୍ଜରୀ ଓ୍ୱାର୍ଡରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କ ଶରୀରର ୧୫ ପ୍ରତିଶତ ପୋଡ଼ି ହୋଇଛି। ୨୪ବର୍ଷର ମନମୋହନ ବେହେରାଙ୍କ ଶରୀରର ୫ ପ୍ରତିଶତ ପୋଡ଼ି ହୋଇଛି। ତାଙ୍କୁ ସର୍ଜରୀ ଓ୍ୱାର୍ଡରେ ରଖାଯାଇଛି। ୧୮ବର୍ଷୀୟ ସିପୁ ପଣ୍ଡାଙ୍କୁ ଓ୍ୱାର୍ଡରେ ରଖାଯାଇଥିବା ବେଳେ ତାଙ୍କ ଶରୀରର ୧୭ ପ୍ରତିଶତ ପୋଡି ହୋଇଛି ବୋଲି ମେଡିକାଲ କର୍ତ୍ତୃପକ୍ଷ ଜଣାଇଛନ୍ତି। ପ୍ଲାଷ୍ଟିକ ସର୍ଜରୀ ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ବିଭୂତି ଭୂଷଣ ନାୟକ କହିଛନ୍ତି ଯେ, ସମସ୍ତଙ୍କ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ପ୍ରତି ବିଶେଷ ଦୃଷ୍ଟି ଦିଆଯାଉଛି। ମୃତ୍ୟୁ ବରଣ କରିଥିବା ଶଙ୍କର ଓ ଦିବ୍ୟରଞ୍ଜନଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଥିଲା। ଉଭୟଙ୍କ ଶରୀରର ଶତ ପ୍ରତିଶତ ପୋଡ଼ି ହୋଇ ଯାଇଥିଲା। ଡାକ୍ତରମାନଙ୍କ ଉଦ୍ୟମ ସତ୍ତ୍ୱେ ଉଭୟଙ୍କୁ ବଞ୍ଚାଇ ହୋଇ ପାରିଲା ନାହିଁ ବୋଲି ସେ କହିଛନ୍ତି।

- ମୃତ ଦିବ୍ୟରଞ୍ଜନଙ୍କ ପରିବାର ଲୋକଙ୍କ ପତ୍ତା ମିଳୁନି
- ପୁରୀ ପ୍ରଶାସନକୁ ଜଣାଇଲେ ଏସ୍‌ସିବି କର୍ତ୍ତୃପକ୍ଷ

# ଅବକାରୀ ଚଢ଼ଉ, ୬ ଗିରଫ



**ଚୌଦ୍ୱାର, ୧।୬(ସମିସ):** ସାଧାରଣ ନିର୍ବାଚନ ପ୍ରକ୍ରିୟା ଜାରି ରହିଥିବାରୁ ରାଜ୍ୟ ସରକାର ମଦ ଦୋକାନ ଗୁଡିକ ଉପରେ କଡା ଅଙ୍କୁଶ ଲଗାଇଛନ୍ତି। ଏହାର ସୁଯୋଗ ନେଇ କିଛି ଅସାଧୁ ବ୍ୟବସାୟୀ ଚୋରାରେ ମଦ ବ୍ୟବସାୟ କରି ମାଲାମାଲ ହେଉଥିବା ଦେଖିବାକୁ ମିଳୁଛି। ଚୌଦ୍ୱାର ଅଞ୍ଚଳରେ ବ୍ୟାପକ ଚୋରାମଦ ବେପାର ହେଉଥିବା ବିଶେଷ ସୂତ୍ରରୁ ଖବରପାଇ କଟକ ଅବକାରୀ ଅଧୀକ୍ଷକ ଦେବାଶିଷ ପଟେଲଙ୍କ ନିର୍ଦ୍ଦେଶକ୍ରମେ ଇନସପେକ୍ଟର ମାନସୀ ନାୟକ ଏକ ଟିମ ସହିତ ଟାଙ୍ଗୀ ଓ ଚୌଦ୍ୱାର ଅଞ୍ଚଳରେ ଶୁକ୍ରବାର ଚଢ଼ଉ କରିଥିଲେ। ଏଥିରେ ମଦ ବିକ୍ରେତା ଚୌଦ୍ୱାର ଗାନ୍ଧୀଛକର ତ୍ରିନାଥ ମହାନ୍ତି, ମଙ୍ଗୁଳିର ରାଜୁ ସେଠୀ, ନନ୍ଦକିଶୋର ସାହୁ, ଚୁଡାଖିଆ ବଜାରର ପ୍ରେମାନନ୍ଦ ସାହୁ, ସଂଗ୍ରାମ ପ୍ରଧାନ ଓ ସନ୍ତୋଷ ବେହେରାଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରାଯାଇଛି। ସେମାନଙ୍କ ନିକଟରୁ ବିକ୍ରି ପାଇଁ ରଖାଯାଇଥିବା ୭୫ ଲିଟର ଦେଶୀ ରନ୍ଧା ମଦ, ୧୦୫ ଲିଟର ଆସ୍କା ଫର୍ଟି ଓ ୩୧ ଲିଟର ବିଅର ଜବତ କରିଛି। ଏଥି ସହିତ ସେମାନେ ବ୍ୟବହାର କରୁଥିବା ୩ଟି ଗାଡିକୁ ଜବତ କରିଛି ଅବକାରୀ ବିଭାଗ। ଏହି ଚଢ଼ଉରେ ଚୌଦ୍ୱାର ଅବକାରୀ ବିଭାଗ ଭାରପ୍ରାପ୍ତ ଅଧିକାରୀ ଆଶୁତୋଷ ଜେନା, ବାପି ସାହୁ, ପିନାକୀ ରଞ୍ଜନ ରାଉତରାୟ, ଦେବବ୍ରତ ଓଝା, ରାଜକୃଷ୍ଣ ବିଶ୍ୱାଳ, ଲକ୍ଷ୍ମଣ ବେହେରା ଓ ତୃପ୍ତିମୟୀ ପରିଡ଼ା ପ୍ରମୁଖ ସାମିଲ ଥିଲେ।

## ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ

**ଟାଙ୍ଗୀ, ୧।୬(ସମିସ):** ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇ ଚିକିତ୍ସାଧୀନ କୋଟସାହି ପଞ୍ଚାୟତ ଟାଙ୍ଗୀ ବାସିନ୍ଦା ଦୀନବନ୍ଧୁ ସାହୁ(୨୮)ଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି। ମୃତଦେହ ବ୍ୟବଚ୍ଛେଦ ପରେ ଶନିବାର ପରିବାର ଲୋକେ ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରିଛନ୍ତି। ପ୍ରକାଶଥାଉକି ଗତ ଅପ୍ରେଲ ୨ ତାରିଖ ବିଳମ୍ବିତ ରାତିରେ ଦୀନବନ୍ଧୁ ନିଜ ସାଙ୍ଗ ତଥା କନ୍ଦରକଣା ଗ୍ରାମର ସତ୍ୟବ୍ରତ ପଣ୍ଡାଙ୍କ ସହ ବନ୍ଧୁ ଘରକୁ ଆସି ବାଇକ ଯୋଗେ ଘରକୁ ଫେରୁଥିଲେ। ବିଶ୍ୱନାହାକାଶୀ-ଚାରବାଟିଆ ରାସ୍ତାର ହଳଦୀବସନ୍ତ ନିକଟରେ ଭାରସାମ୍ୟ ହରାଇ ଉଭୟ ବାଇକ୍ ସହ ରାସ୍ତା ପାର୍ଶ୍ୱ ଗଛରେ ପିଟି ହେବାରୁ ଘଟଣାସ୍ଥଳରେ ସତ୍ୟବ୍ରତ ମୃତ୍ୟୁବରଣ କରିଥିବା ବେଳେ ଦୀନବନ୍ଧୁ ଗୁରୁତର ହୋଇ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ।

# ମାଟ୍ରିକ ବ୍ଲକ୍ ଟପ୍ପରଙ୍କୁ ସମ୍ବର୍ଦ୍ଧନା

**ନିଶ୍ଚିନ୍ତକୋଇଲି, ୧।୬(ସମିସ):** ଚଳିତ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷାରେ ୬୦୦ରୁ ୫୬୦ନଂ ରଖି ଚନ୍ଦ୍ରଶେଖର ହାଇସ୍କୁଲ ଦେମାଣ୍ଡୋର ଛାତ୍ର ସ୍ୱରାଜ କୁମାର ନନ୍ଦ ବ୍ଲକ ଟପ୍ପର ହୋଇଛନ୍ତି। ସେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସାନ୍ତପୁରରେ ପଢୁଥିଲେ। ତାଙ୍କର ଏହି କୃତିତ୍ୱ ପାଇଁ ମାଧବାନନ୍ଦ ସେବା ପ୍ରତିଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ପ୍ରତିଷ୍ଠାନର ସଭ୍ୟ ଶିକ୍ଷାବିତ୍ ଭୈରବ ଚନ୍ଦ୍ର ଜେନା, ଅମୂଲ୍ୟ କୁମାର ମହାନ୍ତି, ବୈଷ୍ଣବ ଚରଣ ବରାଳ, ରୋହିତ ମହାନ୍ତି, ପ୍ରଭାତ ବେହେରା, ଦୁର୍ଗାପ୍ରସାଦ ଦାସ ପ୍ରମୁଖ ଶ୍ରୀ ନନ୍ଦଙ୍କୁ ଶୁଭେଚ୍ଛା ଜଣାଇ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।



# କୃତୀ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା

**ନିଶ୍ଚିନ୍ତକୋଇଲି, ୧।୬(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ କଟିକଟା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ଚଳିତ ମାଟ୍ରିକ ପରୀକ୍ଷାରେ ଶତ ପ୍ରତିଶତ ଫଳାଫଳ ହୋଇଛି। ଏହି ଶିକ୍ଷା କେନ୍ଦ୍ରରେ ମୋଟ ୩୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲା ବେଳେ ଏ-୨ ଗ୍ରେଡ଼ରେ ୭ଜଣ, ବି-୧ ଗ୍ରେଡ଼ରେ ୧୭ଜଣ, ବି-୨ଗ୍ରେଡ଼ରେ ୧୧ଜଣ ଉତ୍ତୀର୍ଣ୍ଣ ହୋଇ ରେକର୍ଡ ସୃଷ୍ଟି କରିଛନ୍ତି। ଛାତ୍ରୀ ଆଦ୍ୟାଶା ସାହୁ ୬୦୦ରୁ ୫୨୯ ନମ୍ବର ରଖି ଶିକ୍ଷା କେନ୍ଦ୍ରରେ ଟପ୍ପର ହୋଇ ଗୌରବ ଅର୍ଜନ କରିଛନ୍ତି। ଏହି ଅବସରରେ ଶିକ୍ଷା କେନ୍ଦ୍ରର ସମ୍ପାଦକ ସନ୍ତୋଷ କୁମାର ସିହ୍ନାଙ୍କ ପୌରୋହିତ୍ୟରେ କମିଟିର ସମସ୍ତ ସଭ୍ୟ ସଭ୍ୟା, ଶିକ୍ଷା କେନ୍ଦ୍ରର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ଓ ଛାତ୍ର ଅଭିଭାବକମାନଙ୍କ ଉପସ୍ଥିତିରେ କୃତୀ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।



# ଅବସରକାଳୀନ ସମ୍ବର୍ଦ୍ଧନା ସଭା



**ଚୌଦ୍ୱାର, ୧।୬(ସମିସ):** କଳିଙ୍ଗ ନୋଡାଲ ବିଦ୍ୟାପୀଠର ପ୍ରଧାନଶିକ୍ଷକ ଗୌତମ କୁମାର ଆଚାର୍ଯ୍ୟ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ଆୟୋଜିତ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜୟନ୍ତ କୁମାର ସାହୁ, କବିତାରାଣୀ ଲେଙ୍କା, ମମତା ମହାନ୍ତି, କବିତା ବେହେରା, ଶିକ୍ଷୟିତ୍ରୀ ମେଘମାଳା ବିଶ୍ୱାଳ, ପୁରାତନ ଛାତ୍ର କମିଟି ସଭାପତି ଅକ୍ଷୟ ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇ ପ୍ରଧାନଶିକ୍ଷକ ଶ୍ରୀ ଅଚାର୍ଯ୍ୟଙ୍କ ବିଗତ ଦିନର କାର୍ଯ୍ୟଶୈଳୀ ଉପରେ ଆଲୋଚନା କରି ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଶିକ୍ଷକ ପଞ୍ଚାନନ ମଲ୍ଲ, ତପସ୍ୱିନୀ ପ୍ରଧାନ, ରାଜେନ୍ଦ୍ର ନାଥ, କଳ୍ପଲତା ସ୍ୱାଇଁ, ବ୍ରଜ ଶତପଥୀ, ସସ୍ମିତା ମଣ୍ଡଳ, ସୋନାଲୀ ମହାପାତ୍ର, ସୁଦର୍ଶନ ଶିଶଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ପୁରାତନ ଛାତ୍ରୀଛାତ୍ର ଓ ପରିଚାଳନା କମିଟି ସଦସ୍ୟବୃନ୍ଦ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଟାଙ୍ଗୀ ଅଞ୍ଚଳରେ ୭୭ ପ୍ରତିଶତ ମତଦାନ

## ମତଦାନ କଲେ ବିଧାୟକ ପ୍ରଶାନ୍ତ ବେହେରା

**ଟାଙ୍ଗୀ, ୧।୬(ସମିସ):** କେନ୍ଦ୍ରାପଡ଼ା ଲୋକସଭା ସଂସଦୀୟ କ୍ଷେତ୍ର ସାଲେପୁର ବିଧାନସଭା ଅନ୍ତର୍ଗତ ଟାଙ୍ଗୀ ଅଞ୍ଚଳରେ ଭୋଟଦାନ ଶାନ୍ତିଶୃଙ୍ଖଳାର ସହ ଶନିବାର ଶେଷ ହୋଇଛି। ଭୋଟଦାନ ହାର ୭୬.୬୬ ଅର୍ଥାତ ପ୍ରାୟ ୭୭ ପ୍ରତିଶତ ହୋଇଥିବାବେଳେ ପୁରୁଷ ଭୋଟର ଆଗରେ ରହିଛନ୍ତି। ମୋଟ ୮୦, ୬୬୭ ଭୋଟରଙ୍କ ମଧ୍ୟରୁ ୬୧, ୮୪୭ ମତଦାତା ମତଦାନ ସାବ୍ୟସ୍ତ କରିଥିବାବେଳେ ପୁରୁଷଙ୍କ ସଂଖ୍ୟା ୩୨.୬୪୬ ଓ ମହିଳାଙ୍କ ସଂଖ୍ୟା ୨୯, ୨୦୧ବୋଲି ବ୍ଲକର ଅତିରିକ୍ତ ନିର୍ବାଚନ ଅଧିକାରୀ ଶାଶ୍ୱତ କୁମାର ଜେନା ସୂଚନା ଦେଇଛନ୍ତି। ଏହି ଅବସରରେ ସ୍ଥାନୀୟ ସାଲେପୁର ବିଧାୟକ ତଥା ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ବେହେରା ଟାଙ୍ଗୀ ଚୌଦ୍ୱାର ବ୍ଲକ କୋଟସାହି ପଞ୍ଚାୟତ କନ୍ଦରକଣା ଗ୍ରାମର ବୁଥରେ ନିଜର୍ ମତ ସାବ୍ୟସ୍ତ କରିଥିବା ଜଣାପଡ଼ିଛି। ସାଲେପୁର ନିର୍ବାଚନମଣ୍ଡଳୀରେ ସଂଖ୍ୟା ଗରିଷ୍ଠରେ ଉଭୟ ବିଜେଡି ବିଧାୟକ ଓ ସାଂସଦ ପ୍ରାର୍ଥୀ ନିର୍ବାଚିତ ହେବେ ବୋଲି ଦୃଢତାର ସହ କହିଛନ୍ତି ବିଧାୟକ ପ୍ରାର୍ଥୀ ଶ୍ରୀ ବେହେରା।



# ଭୋଟରଙ୍କୁ ଆକୃଷ୍ଟ କଲା ଆଦର୍ଶ ବୁଥ୍



**ଟାଙ୍ଗୀ, ୧।୬(ସମିସ):** କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ରର ସାଲେପୁର ନିର୍ବାଚନ ମଣ୍ଡଳୀର ଟାଙ୍ଗୀ ଅଞ୍ଚଳର ୮୨ ବୁଥ ମଧ୍ୟରୁ ୧୬ଟି ବୁଥ ଆଦର୍ଶ ବୁଥ ସ୍ଥାପନ କରାଯାଇଥିଲା। ଏହି ସମସ୍ତ ବୁଥ ମାନଙ୍କରେ ସଂଖ୍ୟାଧିକ ଭୋଟର ମତଦାନ କରିଥିବା ଜଣାପଡ଼ିଛି। ସମସ୍ତ ପ୍ରକାର ମତଦାତାଙ୍କ ପାଇଁ ଜରୁରୀକାଳୀନ ବ୍ୟବସ୍ଥା କରାଯାଇଥିଲା। ବୁଥ୍ ମାନଙ୍କରେ ବିଭିନ୍ନ କଲେଜ ଓ ହାଇସ୍କୁଲର ଛାତ୍ରଛାତ୍ରୀମାନେ ସ୍ୱେଚ୍ଛାସେବୀମାନେ ଶାନ୍ତିଶୃଙ୍ଖଳା ସହ ନିରପେକ୍ଷ ଭାବରେ ସହଯୋଗ କରିଥିବା ଜଣାପଡ଼ିଛି। ଏହିକ୍ରମରେ ଗରୁଡ଼ଗାଁ ପଞ୍ଚାୟତ ବିଶ୍ୱନାହାକାଣୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଦର୍ଶ ବୁଥରେ ଶତାଧିକ ମତଦାତା ଆକୃଷ୍ଟ ହୋଇ ମତଦାନ କରିଛନ୍ତି। ଉକ୍ତ ବୁଥରେ ବିଶ୍ୱନାହାକାଣୀ କଲେଜର ଅଧକ୍ଷ ଡ. ସଚ୍ଚିଦାନନ୍ଦ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଇକୋ କ୍ଲବର ସ୍ୱେଚ୍ଛାସେବୀ ଓ ହାଇସ୍କୁଲର ଏନସିସି ଛାତ୍ରଛାତ୍ରୀ ଭାଗନେଇଥିବା ଜଣାପଡ଼ିଛି।

# ହିସାବ ରକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**କଟକ, ୧।୬(ସମିସ):** ନେହେରୁ ଯୁବ କେନ୍ଦ୍ର କଟକର ହିସାବ ରକ୍ଷକ ଓ କାର୍ଯ୍ୟକ୍ରମ ସହାୟକ ବସନ୍ତ କୁମାର ମିଶ୍ରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଉପନିର୍ଦ୍ଦେଶକ ଅଶୋକ କୁମାର ଦାଶଙ୍କ ଅଧକ୍ଷତାରେ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ବିଶ୍ୱନାହାକାଣୀ କଲେଜର ଅଧକ୍ଷ ଡ. ସଚ୍ଚିଦାନନ୍ଦ ପ୍ରଧାନ, ରାଜ୍ୟ ହିସାବ ରକ୍ଷକ ସଂଘର ସଭାପତି କୈଳାସ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦାନ କରି ଶ୍ରୀ ମିଶ୍ରଙ୍କ ଚାକିରି ତଥା ବ୍ୟକ୍ତିଗତ ଜୀବନୀ ଉପରେ ଗୁଣଗାନ କରିବା ସହ ଅତିଥିଙ୍କ ଦ୍ୱାରା ଉପହାର ସହ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ନୂତନ ହିସାବ ରକ୍ଷକ ଭାବେ ଯୋଗଦେଇଥିବା ସୁଭେନ୍ଦ୍ରନାଥ ସାହୁଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦିଆଯାଇ ସ୍ୱାଗତ କରାଯାଇଥିଲା। ରାଷ୍ଟ୍ରପତି ଯୁବ ପୁରସ୍କାର ପ୍ରାପ୍ତ ଗଙ୍ଗାଧର ବେହେରା ସଭା ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ। ସହକର୍ମୀ ରବୀନ୍ଦ୍ର ନାଥ ବାରିକ ସହଯୋଗ କରିଥିଲେ।



# ଅଂଶୁଘାତରେ ବୃଦ୍ଧଙ୍କ ମୃତ୍ୟୁ ଅଭିଯୋଗ

**ତିଗିରିଆ, ୧।୬(ସମିସ):** ତିଗିରିଆ ଥାନା ଅନ୍ତର୍ଗତ ପାଞ୍ଚଗାଁ ଗ୍ରାମର ଜୈନିକ ବ୍ୟକ୍ତି ଆଜି ସ୍ଥାନୀୟ ଶୋରିଷପାଳ ସଂରକ୍ଷିତ ଜଙ୍ଗଲକୁ ଜାଳେଣୀ କାଠ ସଂଗ୍ରହ କରିବାକୁ ଯାଇଥିବା ବେଳେ ଅଂଶୁଘାତର ଶିକାର ହୋଇ ମୃତ୍ୟୁବରଣ କରିଥିବାର ଅଭିଯୋଗ ହୋଇଛି। ଅଭିଯୋଗକୁ କେନ୍ଦ୍ର କରି ତିଗିରିଆ ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତକର ଶବ ବ୍ୟବଚ୍ଛେଦ ପାଇଁ ଆଠଗଡ଼ ସରକାରୀ ଡାକ୍ତରଖାନାକୁ ପଠାଇଛନ୍ତି। ଏହି ଅଂଶୁଘାତ ଜନିତ ମୃତ୍ୟୁ ତିଗିରିଆ ବ୍ଲକରେ ପ୍ରଥମ ଅଂଶୁଘାତ ଜନିତ ମୃତ୍ୟୁ ବୋଲି ଆଲୋଚିତ ହେଉଛି। ମିଳିଥିବା ସୂଚନା ମୁତାବକ ତିଗିରିଆ ଥାନା ଅଧୀନ ପାଞ୍ଚଗାଁ ଗ୍ରାମର ଶ୍ୟାମସୁନ୍ଦର ପ୍ରଧାନ (୬୩) ଶନିବାର ସକାଳେ ନିକଟସ୍ଥ ଶୋରିଷପାଳ ଜଙ୍ଗଲକୁ କାଠ ସଂଗ୍ରହ କରିବାକୁ ଯାଇଥିବା ବେଳେ ଜଙ୍ଗଲ ମଧ୍ୟରେ ଅଂଶୁଘାତର ଶିକାର ହୋଇ ଅଚେତ ହୋଇଯାଇଥିଲେ। ଶ୍ୟାମସୁନ୍ଦରଙ୍କ ସହ ଜାଳେଣୀ କାଠ ସଂଗ୍ରହ କରିବାକୁ ଯାଇଥିବା ବ୍ୟକ୍ତିମାନେ ଏ ସଂକ୍ରାନ୍ତରେ ଶ୍ୟାମ ସୁନ୍ଦରଙ୍କ ଘରକୁ ଖବର ଦେବା ପରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଆଠଗଡ଼ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିବା ପରେ ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ତିଗିରିଆ ଥାନା କର୍ମଚାରୀମାନେ ଘଟଣାସ୍ଥଳ ପରିଦର୍ଶନ କରିବା ସହ ତିଗିରିଆ ଥାନା କେଶ୍ ନଂ ୮/୨୪ରେ ଏକ ମୋକଦ୍ଦମା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛନ୍ତି।

# ପୁଲିସଙ୍କୁ ଦୁର୍ବ୍ୟବହାର କରି ଯୁବକ ଗିରଫ

**କଟକ, ୧।୬(ସମିସ):** ଯାନବାହନ ଯାଞ୍ଚ ଚାଲିଥିବା ବେଳେ ଦରଘାବଜାର ଥାନାର ଜଣେ ମହିଳା ପୁଲିସ କର୍ମଚାରୀଙ୍କୁ ଦୁର୍ବ୍ୟବହାର ହୋଇଛି। ଏହି ଘଟଣାରେ ପୁଲିସ ଶନିବାର ଜଣେ ଯୁବକକୁ ଗିରଫ କରିଛି। ଅଭିଯୁକ୍ତଜଣକ ହେଲା ପୁରୀଘାଟ ଥାନା ଅନ୍ତର୍ଗତ ପେଟିନ୍‌ସାହିର ସୁସମ୍ମିତ ଦାସ(୩୪)। ତାକୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ଚିନ୍ତେଶ୍ୱର ମୁଣ୍ଡା କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଦରଘାବଜାର ଥାନା ପୁଲିସ ପକ୍ଷରୁ ସ୍ଥାନୀୟ ବାରପଥରଠାରେ ଯା'ଆସ କରୁଥିବା ସମସ୍ତ ଯାନକୁ ଅଟକାଯାଇ ଯାଞ୍ଚ କରାଯାଉଥିଲା। ଏହି ସମୟରେ ଅଭିଯୁକ୍ତ ସୁସମ୍ମିତ ଏକ ହୋଣ୍ଡା ଡିଓ ଗାଡି ଧରି ଆସୁଥିଲା। ଫଳରେ ଏଏସଆଇ ଇତିଶ୍ରୀ ପୃଷ୍ଟି ତାଙ୍କୁ ଅଟକାଇ ଗାଡିର କାଗଜପତ୍ର ଓ ଗାଡି ଚାଳନା ଲାଇସେନ୍ସ ମାଗିଥିଲେ। ତେବେ ସେ କାଗଜପତ୍ର ଦେଖାଇବା ପରିବର୍ତ୍ତେ ଉତ୍ତ୍ୟକ୍ତ ହୋଇ ଉଠିଥିଲା। ମହିଳା ପୁଲିସ କର୍ମଚାରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଦୁର୍ବ୍ୟବହାର କରିଥିଲା। ଏହାପରେ ତାଙ୍କୁ ଅନ୍ୟ ପୁଲିସ କର୍ମଚାରୀମାନେ ଘେରିଯାଇ କାବୁକରି ଥାନାକୁ ନେଇଆସିଥିଲେ। ସେଠାରେ ମଧ୍ୟ ଅଭିଯୁକ୍ତଜଣକ ନିଜ ଭୁଲ ସ୍ୱୀକାର କରିବା ପରିବର୍ତ୍ତେ ହଙ୍ଗାମା କରିଥିଲା। ମହିଳା ପୁଲିସ କର୍ମଚାରୀଙ୍କ ଅଭିଯୋଗ ଆଧାରରେ ଆଜି ଅଭିଯୁକ୍ତ ବିରୋଧରେ ମାମଲା ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଛି।

# ଋଣ ଦେବାକୁ କହି ଠକେଇ

**କଟକ, ୧।୬(ସମିସ):** ଚାଉଳିଆଗଞ୍ଜ ଥାନାଞ୍ଚଳରେ ଋଣ କରାଇଦେବାକୁ କହି ଜଣେ ମହିଳାଙ୍କ ଠାରୁ ସୁନା ଗହଣା ଠକି ନେଇଛି ଜଣେ ଠକ। ଅଭିଯୁକ୍ତ ଜଣକ ନିଜକୁ ବ୍ୟାଙ୍କ ପରିଚାଳକ ପରିଚୟ ଦେଇ ଏଭଳି ଠକିଛି। ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ପୁଲିସ ସୂଚନା ଅନୁସାରେ, ମହାନଦୀ ବିହାରର କଳ୍ପନା ମହାପାତ୍ର ଆର୍ଥିକ ସମସ୍ୟାରେ ବୁଡି ରହିଥିଲେ। ଫଳରେ କିଛି ବ୍ୟବସାୟ କରିବା ଲାଗି ସେ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ଆବଶ୍ୟକ ହେଉଥିବା ଟଙ୍କା ଯୋଗାଡ ଲାଗି ସେ ଖୋର୍ଦ୍ଧା ଅଞ୍ଚଳରେ ରହୁଥିବା ଜଣେ ବାନ୍ଧବୀଙ୍କୁ ଜଣାଇଥିଲେ। ସବୁ କଥା ଶୁଣିବା ପରେ ତାଙ୍କର ଜଣେ ବନ୍ଧୁ ଆବଶ୍ୟକ ଋଣ କରାଇପାରିବେ ବୋଲି ବାନ୍ଧବୀ ଜଣକ ତାଙ୍କୁ କହିଥିଲେ। ଏଥିରେ କଳ୍ପନା ରାଜି ହେବାରୁ ସେ ଫୋନ ମାଧ୍ୟମରେ ତାଙ୍କ ସହିତ କଥାବାର୍ତ୍ତା କରାଇ ଦେଇଥିଲେ। ଉକ୍ତ ବ୍ୟକ୍ତି ଜଣକ ନିଜକୁ ଏକ ପ୍ରତିଷ୍ଠିତ ବ୍ୟାଙ୍କର ପରିଚାଳକ ଭାବେ ପରିଚୟ ଦେଇ ଋଣ ନେବାକୁ ହେଲେ କିଛି ବନ୍ଧକ ରଖିବାକୁ ପଡ଼ିବ ବୋଲି ଜଣାଇଥିଲେ। ଏହି କ୍ରମରେ କିଛି ଦିନ ପୂର୍ବେ ବ୍ୟକ୍ତି ଜଣକ କଳ୍ପନାଙ୍କ ଘରକୁ ଆସି ବନ୍ଧକ ବାବଦରେ ଏକ ୩୦ ଗ୍ରାମର ସୁନାହାର, ହଳେ କାନଫୁଲ ଓ ଗୋଟିଏ ମୁଦି ନେଇଥିଲେ। ଏହାସହ କେତେକ କାଗଜପତ୍ରରେ ତାଙ୍କର ଦସ୍ତଖତ ନେଇଯିବା ସହିତ ଖୁବଶୀଘ୍ର ୬ ଲକ୍ଷ ଟଙ୍କା ଋଣ ହୋଇଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ଋଣ ମିଳିବାରେ ବିଳମ୍ବ ହେବାରୁ କଳ୍ପନା ଉକ୍ତ ବ୍ୟକ୍ତିଙ୍କ ସହିତ ଯୋଗାଯୋଗ କରିଥିଲେ। ହେଲେ ବିଭିନ୍ନ କାରଣ ଦର୍ଶାଇ ଋଣ ମଞ୍ଜୁର ହେବାକୁ ଆହୁରି ୧୫ ଦିନ ଲାଗିଯିବ ବୋଲି କହଥିଲେ। ଏହା ଭିତରେ ଦୁଇ ମାସ ବିତିଗଲା ପଛେ ଋଣ ମିଳି ନ ଥିଲା। କଳ୍ପନା ପୁଣି ସେହି ବ୍ୟକ୍ତିଙ୍କ ସହିତ ଯୋଗାଯୋଗ କରିଥିଲେ ମଧ୍ୟ ସେ ଆଉ ତାଙ୍କର ଫୋନ ଉଠାଇ ନଥିଲେ। ଫଳରେ କଳ୍ପନା ସନ୍ଦେହ କରି ଉକ୍ତ ବ୍ୟକ୍ତିର କହିବାନୁଯାୟୀ ବ୍ୟାଙ୍କକୁ ଯାଇ ଯାଞ୍ଚ କରିବାରୁ ଉପରୋକ୍ତ ନାମରେ କେହି କର୍ମଚାରୀ ନ ଥିବା ଜାଣିବାକୁ ପାଇଥିଲେ। ଏପରିକି ଦେଇଥିବା ଅଳଙ୍କାର ତାଙ୍କ ନାମରେ ବନ୍ଧକ ନଥିବା ଜାଣିବା ପରେ କଳ୍ପନା ଚକିତ ହୋଇପଡ଼ିଥିଲେ। ଠକେଇର ଶିକାର ହୋଇଥିବା ଜାଣି ଏନେଇ ସେ ଥାନାରେ ଏତଲା ଦେଇଛନ୍ତି। ଅଭିଯୋଗ ଆଧାରରେ ଘଟଣାର ତଦନ୍ତ ସହିତ ଅଭିଯୁକ୍ତ ସଂପର୍କରେ ତଥ୍ୟ ଯୋଗାଡ କରାଯାଉଥିବା ଥାନା ଅଧିକାରୀ ଦେବେନ୍ଦ୍ର ବିଶ୍ୱାଳ ସୂଚନା ଦେଇଛନ୍ତି।

# ସ୍କୁଟିକୁ ଧକ୍କା ଦେଲା ମୋ' ବସ୍: ୨ ଆହତ

**କଟକ, ୧।୬(ସମିସ)**



ଖାନନଗର ମଲାଚଣ୍ଡିଆ ଛକ ନିକଟରେ ଆଜି ଏକ ଦୁର୍ଘଟଣା ଘଟିଛି। ଏକ ଦ୍ରୁତଗାମୀ ମୋ' ବସର ଧକ୍କାରେ ସ୍କୁଟିରେ ଯାଉଥିବା ବାପା-ଝିଅ ଗୁରୁତର ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ଘଟଣାସ୍ଥଳରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ବାଦାମବାଡି ଥାନା ପୁଲିସ ପହଞ୍ଚି ଉକ୍ତ ବସକୁ ଜବତ କରିଥିଲା। ଏନେଇ ପୁଲିସ ଏକ ମାମଲା ରୁଜୁ କରିଛି।

ପ୍ରାପ୍ତ ସୂଚନା ଅନୁସାରେ, ଶନିବାର ସନ୍ଧ୍ୟା ପ୍ରାୟ ସାଢେ ୬ଟାରେ ଦରଘାବଜାର ଅଞ୍ଚଳର ସଂଗ୍ରାମ କିଶୋର ମହାନ୍ତି ଝିଅକୁ ଏକ ସ୍କୁଟି ଗାଡିରେ ବସାଇ ପୁରୀଘାଟରୁ ରିଂରୋଡ ହୋଇ ବାଦାମବାଡି ଅଭିମୁଖେ ଆସୁଥିଲେ। ଉଭୟ ମଲାଚଣ୍ଡିଆ ଟ୍ରାଫିକ ଛକ ଅତିକ୍ରମ କରି ଦି' ଲ ହାଉସ ବହି ଦୋକାନ ଆଗରେ ଯାଉଥିଲା ବେଳେ ପଛରୁ ଖୁବ ଜୋରରେ ଏକ ମୋ' ବସ ଆସି ତାଙ୍କ ଗାଡିକୁ ଧକ୍କା ଦେଇଥିଲା। ଏଥିରେ ଗାଡିରୁ ଉଭୟ ତଳକୁ ଗଳିପଡ଼ିଥିଲେ। ଏମିତିକି ଶ୍ରୀ ମହାନ୍ତି ଗାଡିରୁ ଛିଟକି ପଡ଼ି ବସର ଚକ ଆଗରେ ପଡ଼ିଯାଇଥିଲେ। ଏହି ଦୁର୍ଘଟଣା ଦେଖିବା ପରେ ସ୍ଥାନୀୟ ଲୋକ ଓ ଅନ୍ୟ ବାଟୋଇ ସେଠାରେ ଅଟକି ଯାଇ ହୋହଲ୍ଲା କରିଥିଲେ। ବେପରୁଆ ଗାଡି ଚାଳନା ଅଭିଯୋଗ କରି ଲୋକେ ବସ ଚାଳକକୁ ଘେରିଯାଇଥିଲେ। ଭୟରେ ବସ ଚାଳକ ଜଣକ ଗାଡିର ଡୋର ଗୁଡିକ ଅଟୋ-ଲକ କରି ଭିତରୁ ବନ୍ଦ ରଖିଥିଲେ। ଲୋକ ରୁଣ୍ଡ ହୋଇଥିବାରୁ ସେଠାରେ ଟ୍ରାଫିକ ଜାମ ହୋଇଯାଇଥିଲା। କିଛି ମିନିଟ ଭିତରେ ଖବର ପାଇ ପିସିଆର ଭ୍ୟାନ ଆସିବା ପରେ ବସକୁ ଜବତ କରି ଥାନାକୁ ନିଆଯାଇଥିଲା। ଆହତ ହୋଇଥିବା ଶ୍ରୀ ମହାନ୍ତି ଓ ତାଙ୍କ ଝିଅଙ୍କୁ ନିକଟ ଏକ ହସ୍ପିଟାଲ ନିଆଯାଇ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଶ୍ରୀ ମହାନ୍ତି ଥାନାକୁ ଆସି ଘଟଣା ନେଇ ଏତଲା ଦେବା ପରେ ପୁଲିସ ଏକ ମାମଲା ରୁଜୁ କରିଥିଲା। ଘଟଣାକୁ ନେଇ ଦୀର୍ଘ ସମୟ ଉତ୍ତେଜନା ଲାଗି ରହିଥିଲା।

- ଘଟଣାସ୍ଥଳରେ ଉତ୍ତେଜନା

